**ତୁଟିଲା ମନୋମାଳିନ୍ୟ**

# ଦିନେ କଏଦୀ ସଜାଇଥିଲେ; ଆଜି ହାତ ଧରିଲେ

**ଭୁବନେଶ୍ୱର, ୨୬।୨ (ସମିସ):** କଏଦୀ ବରକୁ କଏଦୀ ବରଯାତ୍ରୀ; ଧୁମ୍‌ଧାମ୍‌ରେ ମଣ୍ଡପ ନିକଟରେ ପହଞ୍ଚିବା ପରେ ଆରମ୍ଭ ହୋଇଥିଲା ବାହାଘର। ବ୍ରାହ୍ମଣର ନିରନ୍ତର ମନ୍ତ୍ରଧ୍ୱନି ସାଙ୍ଗକୁ ରହିରହି ମହିଳାଙ୍କ ହୁଳହୁଳି ଓ ଶଙ୍ଖୁଆର ଶଙ୍ଖ ଫୁଙ୍କାରେ କମ୍ପୁଥିଲା ଜେଲ୍ ପରିସର। ଏକକୁ ବଳି ଆରେକ ସୁସ୍ୱାଦୁ ଖାଦ୍ୟର ପସରା ବି ମେଲିଥିଲା ଜେଲ୍ ଭିତରେ। ଶେଷରେ ଶୁଭବେଳା ଦେଖି ବର-କନ୍ୟାଙ୍କ ହାତଗଣ୍ଠି ପକାଇ ବିବାହ ସଂପନ୍ନ କରିଥିଲେ ବ୍ରାହ୍ମଣ। ଏହା କୌଣସି ସିନେମାର ଦୃଶ୍ୟ ନଥିଲା; ଝାରପଡ଼ା ଜେଲ୍‌ରେ ଆଜି ଶହଶହ ଅନ୍ତେବାସୀ ଏମିତି ଏକ ସତସତିକା ତଥା ନିଆରା ବିବାହର ସାକ୍ଷୀ ପାଲଟିଛନ୍ତି। ମନୋମାଳିନ୍ୟ ଯୋଗୁଁ ଭଙ୍ଗା ପଡ଼ିଥିବା ପ୍ରେମୀଯୁଗଳଙ୍କ ସଂପର୍କ ଆଜି ପୁଣିଥରେ ଜେଲ୍ ଭିତରେ ସ୍ୱାମୀ-ସ୍ତ୍ରୀ ରୂପରେ ଯୋଡ଼ି ହୋଇଛି। ଦୁହେଁ ଅଗ୍ନିକୁ ସାକ୍ଷୀ ରଖି ଜନ୍ମଜନ୍ମାନ୍ତର ବନ୍ଧନରେ ବାନ୍ଧି ହୋଇଛନ୍ତି।

ସୂଚନାନୁଯାୟୀ, ଖୋର୍ଦ୍ଧା ଚାନ୍ଦପୁରର ସୁବାସ ସେଇ ଗାଁର ଜଣେ ନାବାଳିକାଙ୍କୁ ପ୍ରେମ କରୁଥିଲେ। ତେବେ କୌଣସି କାରଣରୁ ଦୀର୍ଘଦିନ ଧରି ଗଢ଼ି ଉଠିଥିବା ସମ୍ପର୍କରେ ସୃଷ୍ଟି ହୋଇଥିଲା ମନୋମାଳିନ୍ୟ। ସୁବାସ ଉକ୍ତ ନାବାଳିକାଙ୍କ ସହ ସବୁ ସମ୍ପର୍କ ଛିନ୍ନ କରି ଅଲଗା ହେବାକୁ ଉଦ୍ୟମ କରିଥିଲେ। ନାବାଳିକାଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ସୁବାସ ଦୂରେଇ ଯିବାରୁ ମାମଲା ଯାଇ ଥାନାରେ ପହଞ୍ଚିଥିଲା। ନାବାଳିକାଙ୍କ ଅଭିଯୋଗକ୍ରମେ ସୁବାସକୁ ଗିରଫ କରାଯାଇଥିଲା। ସେ ଝାରପଡ଼ା ଜେଲ୍‌ରେ ବିଚାରାଧୀନ କଏଦୀ ଭାବେ ରହିଥିଲା। ଦୁଇ ମାସ ଜେଲ୍‌ରେ ରହିବା ପରେ ସମ୍ପୃକ୍ତ ନାବାଳିକାଙ୍କୁ ବିବାହ କରିବେ ବୋଲି ମନସ୍ଥ କରି କୋର୍ଟଙ୍କୁ ଅବଗତ କରିଥିଲେ। ଉଭୟ ଗୋଟିଏ ଜାତି ହୋଇଥିବାରୁ ଦୁଇ ପରିବାର ଏଥିରେ ହଁ ଭରିଥିଲେ। ସେଇ ସମୟରେ କିନ୍ତୁ ସମ୍ପୃକ୍ତ ଯୁବତୀଜଣଙ୍କ ନାବାଳିକା ଥିବାରୁ ବିବାହ ହୋଇନଥିଲା। ତାଙ୍କୁ ୧୮ ବର୍ଷ ହେବା ପରେ କୋର୍ଟଙ୍କ ଅନୁମତିକ୍ରମେ ଆଜି ଝାରପଡ଼ା ଜେଲ୍‌ରେ ଏହି ନିଆରା ବିବାହ ଆଡ଼ମ୍ବରରେ ହୋଇଥିଲା।


ଝାରପଡ଼ା ଜେଲ୍‌ରେ ପ୍ରେମୀଯୁଗଳଙ୍କ ନିଆରା ବିବାହ

ଫୁଲରେ ସୁସଜ୍ଜିତ ବ୍ୟାଟେରୀ ଗାଡ଼ିରେ ବର ବେଶରେ ବାହାରିଥିଲେ ସୁବାସ। ବରଯାତ୍ରୀ ସାଜିଥିଲେ ଜେଲର ଅନ୍ତେବାସୀ। ନାଚଗୀତ କରି ଜେଲ ପରିସରରେ ଥିବା ଅସ୍ଥାୟୀ ମଣ୍ଡପରେ ବରଯାତ୍ରୀଙ୍କୁ ଧରି ପହଞ୍ଚିଥିଲେ। ସେମିତି କନ୍ୟା ଘର ଲୋକ ବି ଖୋର୍ଦ୍ଧାରୁ ଆସି ଜେଲ ପରିସରରେ ପହଞ୍ଚିଥିଲେ। ବିବାହ ଭୋଜିର ଆୟୋଜନ ହୋଇଥିଲା। ଏହି ବିବାହରେ ମାଜିଷ୍ଟ୍ରେଟ୍, ଭୁବନେଶ୍ୱର ଉପ-ଜିଲ୍ଲାପାଳ, ଖୋର୍ଦ୍ଧାର ସିଡିପିଓ, ଜେଲ୍ ଅଧୀକ୍ଷକ ସତ୍ୟପ୍ରକାଶ ସ୍ୱାଇଁ, ଜେଲ୍‌ର ପ୍ରସନ୍ନ କୁମାର ସାହୁଙ୍କ ସମେତ ସାମାଜିକ କର୍ମୀ, ଜେଲ୍ ଡାକ୍ତର, ମାନସ୍ତତ୍ତ୍ୱବିତ୍, ଜେଲ୍ କର୍ମଚାରୀ, ଉଭୟ ବର ଏବଂ କନ୍ୟାଙ୍କ ଘରଲୋକ ଉପସ୍ଥିତ ରହି ନବବିବାହିତ ଦମ୍ପତିଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

## ସୋସିଆଲ ମିଡିଆରେ ଭାଇରାଲ ହେଲା କଂଗ୍ରେସର ସମ୍ଭାବ୍ୟ ପ୍ରାର୍ଥୀ ତାଲିକା

**ଭୁବନେଶ୍ୱର, ୨୬।୨(ସମିସ):** ସାମନାକୁ ଆସିଲା କଂଗ୍ରେସର ସମ୍ଭାବ୍ୟ ପ୍ରାର୍ଥୀ ତାଲିକା। ରାଜ୍ୟ କଂଗ୍ରେସର ପ୍ରସ୍ତାବିତ କିଛି ପ୍ରାର୍ଥୀଙ୍କ ନାଁ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଭୁବନେଶ୍ୱର ଲୋକସଭା ଆସନ ପାଇଁ ୟାସିର ନୱାଜ ଓ ପ୍ରଶାନ୍ତ ଶତପଥୀଙ୍କ ନାଁ ପ୍ରସ୍ତାବ ଦିଆଯାଇଛି। ସେହିପରି କୋରାପୁଟ ଲୋକସଭା ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗୋ ଓ ସପ୍ତଗିରି ଉଲ୍ଲାକାଙ୍କ ନାଁ ପ୍ରସ୍ତାବ ଦେଇଛି ପିସିସି। ନବରଙ୍ଗପୁର ଲୋକସଭା ପାଇଁ ଲିପିକା ମାଝୀ ଓ ଦିଲୀପ ପ୍ରଧାନ ନାଁ ସୁପାରିସ୍ କରାଯାଇଛି। ସେହିପରି ଭାଇରାଲ ହୋଇଥିବା ତାଲିକାରେ ବ୍ରଜରାଜନଗର ବିଧାନସଭା ଆସନ ପାଇଁ ନିମାଇଁ ଚରଣ ପଣ୍ଡା, ଜି. ଉଦୟଗିରି ପାଇଁ ପ୍ରତାପ କୁମାର ପ୍ରଧାନଙ୍କ ନାଁ ପ୍ରସ୍ତାବ ଦିଆଯାଇଥିବା ଜଣାପଡୁଛି। ପିପିଲି ବିଧାସଭା ଆସନ ପାଇଁ ମାନସ ଆଚାର୍ଯ୍ୟଙ୍କ ନାଁ ପ୍ରସ୍ତାବ ଦେଇଛି ପ୍ରଦେଶ କଂଗ୍ରେସ କମିଟି। ସୋମବାର ଏଭଳି କିଛି ନେତାଙ୍କ ନାମ ଥିବା ତାଲିକା ସୋସିଆଲ ମିଡିଆରେ ଭାଇରଲ ହେବାରେ ଲାଗିଛି। ଯାହାକୁ ନେଇ କଂଗ୍ରେସ ଆଶାୟୀଙ୍କ ମଧ୍ୟରେ ଉତ୍କଣ୍ଠା ଦେଖାଦେଇଛି। ଆସନ୍ତା ମାର୍ଚ୍ଚ ପ୍ରଥମ ସପ୍ତାହରେ କଂଗ୍ରେସର ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା ହେବାର ସମ୍ଭାବନା ରହିଛି। ଏନେଇ ମଙ୍ଗଳବାର ଦିଲ୍ଲୀରେ ଦଳର ସ୍କ୍ରିନିଂ କମିଟି ବୈଠକ ବସିବାର କାର୍ଯ୍ୟକ୍ରମ ରହିଛି। ଏଥିରେ ଯୋଗଦେବା ପାଇଁ ପିସିସି ସଭାପତି ଶରତ ପଟ୍ଟନାୟକ ଓ ବରିଷ୍ଠ ନେତା ନରସିଂହ ମିଶ୍ର ଦିଲ୍ଲୀ ଯାତ୍ରା କରିଛନ୍ତି। ତେବେ ଏହି ବୈଠକ ପୂର୍ବରୁ ଭାଇରାଲ ପ୍ରସ୍ତାବିତ ପ୍ରାର୍ଥୀଙ୍କ ତାଲିକା ଭାଇରାଲ ହୋଇଛି। ଯଦିଓ ଏହି ତାଲିକାକୁ ନେଇ ଏ ଦଳ ପକ୍ଷରୁ କୌଣସି ସ୍ପଷ୍ଟୀକରଣ ଦିଆଯାଇନାହିଁ, ମାତ୍ର ଏହି ତାଲିକାକୁ ନେଇ ବଡ଼ ଚର୍ଚ୍ଚା ଆରମ୍ଭ ହୋଇଛି।

## କିଶୋରୀ ପୁଷ୍ଟିକର ଖାଦ୍ୟ ଯୋଜନା ଦୈନିକ ପାଣ୍ଠି ବୃଦ୍ଧି

**ଭୁବନେଶ୍ୱର,୨୬।୨(ସମିସ):** ରାଜ୍ୟ ସରକାର କିଶୋରୀମାନଙ୍କ ପାଇଁ ପୁଷ୍ଟିକର ଖାଦ୍ୟ ଯୋଜନାକୁ ଗୁରୁତ୍ୱ ଦେଇ ଏହାର ବଜେଟକୁ ବୃଦ୍ଧି କରିଛନ୍ତି। 'ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା' ମାଧ୍ୟମରେ ୧୫ରୁ ୧୯ ବର୍ଷର କିଶୋରୀଙ୍କୁ ସ୍ୱତନ୍ତ୍ର ପୁଷ୍ଟି ପ୍ୟାକେଜ୍ ପ୍ରଦାନ

- **ଟ ୯ .୫୦ ପଇସାରୁ ବଢ଼ି ଟ ୧୧.୫୦ ପଇସା ହେଲା**
- **ବର୍ଷକୁ ରାଜ୍ୟ ସରକାର ଖର୍ଚ୍ଚ କରିବେ ୪୨କୋଟି ଟଙ୍କା**

କରାଯାଉଛି। ପୂର୍ବରୁ ପୁଷ୍ଟିକର ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ କରିବା ପାଇଁ ପ୍ରତି କିଶୋରୀ ପିଛା ଦୈନିକ ୯ ଟଙ୍କା ୫୦ ପଇସା ଖର୍ଚ୍ଚ କରାଯାଉଥିବାବେଳେ ବର୍ତ୍ତମାନ ଏହାକୁ ବୃଦ୍ଧି କରି ୧୧ ଟଙ୍କା ୫୦ ପଇସା କରାଯାଇଛି। କଞ୍ଚାମାଲ୍, ସ୍ୱୟଂ ସହାୟକ ଗୋଷ୍ଠୀରୁ ଅଙ୍ଗନବାଡ଼ିରେ ଖାଦ୍ୟ ସାମଗ୍ରୀ ପହଞ୍ଚିବା ପାଇଁ ପରିବହନ ଖର୍ଚ୍ଚ ଆଦିକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ଏ ବାବଦରେ ରାଜ୍ୟ ସରକାର ବର୍ଷକୁ ୪୨କୋଟି ଟଙ୍କା ଖର୍ଚ୍ଚ କରିବେ।

ସୂଚନାଯୋଗ୍ୟ, 'ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା'ରେ ବର୍ଷକୁ ୩୦୦ଦିନ କିଶୋରୀମାନଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇ ଦିଆଯାଉଥିବା ବେଳେ ଏଥିପାଇଁ ସ୍ୱୟଂ ସହାୟକ ଗୋଷ୍ଠୀ ଖାଦ୍ୟସାମଗ୍ରୀ ଯୋଗାଇବା ସହ ଅଙ୍ଗନବାଡ଼ି ମାଧ୍ୟମରେ ଏହାର ବିତରଣ ହୋଇଥାଏ। ଏହି ଯୋଜନାରେ ରାଜ୍ୟର ସମସ୍ତ ୩୩୮ ସମନ୍ୱିତ ଶିଶୁ ବିକାଶ ସେବା ସାମିଲ ଅଛନ୍ତି। ରାଜ୍ୟ ସରକାରଙ୍କ '୫-ଟି' ଉପକ୍ରମର ରୂପାନ୍ତରଣକୁ ଦୃଷ୍ଟିରେ ରଖି ରାଜ୍ୟର ଦୁର୍ବଳ ତଥା ପଛୁଆ ବର୍ଗଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇଦେବା ଏହାର ମୁଖ୍ୟ ଉଦ୍ଦେଶ୍ୟ। କିଶୋରୀ, ଗର୍ଭବତୀ ମହିଳା, ସ୍ତନ୍ୟପାନ କରାଉଥିବା ମା' ଏବଂ ପୁଷ୍ଟିହୀନତାର ଶିକାର ହୋଇଥିବା ଶିଶୁଙ୍କୁ ଏହି ଯୋଜନାରେ ସାମିଲ କରାଯାଇଛି। ଆଗାମୀ ୫ ବର୍ଷ ପାଇଁ ଏହି ଯୋଜନାକୁ କାର୍ଯ୍ୟକାରୀ କରାଯିବ। ୨୦୨୭-୨୮ ଯାଏଁ ପ୍ରାୟ ୩୩୫୪.୪୦ କୋଟି ଟଙ୍କା ବ୍ୟୟରେ ମହିଳା ଏବଂ ଶିଶୁ ବିକାଶ ବିଭାଗ ଏହି ଯୋଜନାକୁ ସଫଳ ରୂପାୟଣ କରିବ।

## ପୁଲିସ ସେବା ପାଇଁ ୨୮୫ ନୂତନ ଯାନ ଲୋକାର୍ପିତ



**କଟକ,୨୬।୨(ସମିସ):** ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଅରୁଣ କୁମାର ଷଡ଼ଙ୍ଗୀ କଟକସ୍ଥିତ ଷଷ୍ଠ ବାଟାଲିୟନ୍ ପରିସରରେ ୨୮୫ଟି ନୂତନ ଯାନ (୭୧ଟି ବଲେରୋ, ୯୪ଟି ମଟର ସାଇକେଲ ଏବଂ ୧୨୦ଟି ସ୍କୁଟି) ସାଧାରଣ ଜନତାଙ୍କୁ ଉପଯୁକ୍ତ ସେବା ପ୍ରଦାନ କରିବା ଉଦ୍ଦେଶ୍ୟରେ ଲୋକାର୍ପଣ କରିଛନ୍ତି। ଏହି ଯାନ ଦ୍ୱାରା ପୁଲିସର କାର୍ଯ୍ୟଦକ୍ଷତା ବୃଦ୍ଧି ପାଇବ। ଅପରାଧ ତଦନ୍ତ, ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ, ସାଧାରଣ ଜନତାଙ୍କ ପାଇଁ ଏକ ସୁରକ୍ଷିତ ପରିବେଶ ଗଢ଼ିବା, ଅପରାଧର ସମାଧାନ, ନ୍ୟାୟ ସୁନିଶ୍ଚିତ କରିବା ଏବଂ ଜରୁରୀ ସମୟରେ ତ୍ୱରିତ ପଦକ୍ଷେପ ଆଦିରେ ଉନ୍ନତି ଆଣିବାରେ ଏହି ଯାନଗୁଡ଼ିକ ସହାୟକ ହେବ ବୋଲି ଡିଜିପି ଶ୍ରୀ ଷଡ଼ଙ୍ଗୀ ମତବ୍ୟକ୍ତ କରିଥିଲେ। ରାଜ୍ୟରେ ମହିଳା ଏବଂ ଶିଶୁଙ୍କ ବିରୋଧରେ ଘଟୁଥିବା ଅପରାଧକୁ ନିୟନ୍ତ୍ରଣ କରିବା ପାଇଁ ମହିଳା ଓ ଶିଶୁ ଡେସ୍କ କାର୍ଯ୍ୟ କରୁଛି। ଏହାକୁ ଆହୁରି ସୁଦୃଢ଼ କରିବା ପାଇଁ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ବିଭାଗ ପକ୍ଷରୁ "ନିର୍ଭୟା ଯୋଜନା"ରେ ୧୨୦ଟି ସ୍କୁଟି ପ୍ରଦାନ କରାଯାଇଛି। ଫଳରେ ମହିଳା ପୁଲିସମାନେ ଅଭିଯୋଗ ଶୁଣାଣି ଏବଂ ଅପରାଧର ତଦନ୍ତ ତୁଲାଇବାରେ ସକ୍ଷମ ହୋଇପାରିବେ ବୋଲି ସେ ଆଶାବ୍ୟକ୍ତ କରିଥିଲେ। ଆଗାମୀ ଦିନରେ ରାଜ୍ୟବାସୀଙ୍କୁ ଗୁଣାତ୍ମକ ସେବା ପ୍ରଦାନ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଅତିରିକ୍ତ ଡିଜି ଏଚଆରପିସି ଲଳିତ ଦାସ ଓ ଅତିରିକ୍ତ ଡିଜି (ମୁଖ୍ୟାଳୟ) ଆର.କେ. ଶର୍ମା ପ୍ରମୁଖ ଯୋଗ ଦେଇଥିଲେ।

ଏହି ଅବସରରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (କ୍ରାଇମବ୍ରାଞ୍ଚ) ଅରୁଣ କୁମାର ବୋଥ୍ରା ଏବଂ ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖାର ଆଇ.ଜି.ପି ଏସ୍. ସାଇନି ଏହି ଯାନଗୁଡ଼ିକ ପୁଲିସ ବିଭାଗରେ ସାମିଲ ହେବା ଦ୍ୱାରା କ୍ରିୟାଶୀଳ ହୋଇ କାର୍ଯ୍ୟ କରିବ ଏବଂ ଲୋକଙ୍କୁ ତ୍ୱରିତ ସେବା ପ୍ରଦାନ କରିବାରେ ସକ୍ଷମ ହେବ ବୋଲି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଆଇ.ଜି (ପ୍ରୋଭିଜନିଙ୍ଗ) ଯତୀନ୍ଦ୍ର କୋୟଲ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି ଅବସରରେ ସେ ୮କୋଟି ୧୮ଲକ୍ଷ ୩୨ହଜାର ୪୨୧ ଟଙ୍କା ବ୍ୟୟରେ ୨୮୫ଟି ନୂତନ ପୁଲିସ ଯାନ କ୍ରୟ କରାଯାଇଥିବା ସମ୍ପର୍କରେ ସୂଚନା ଦେଇଥିଲେ। ଏହାସହ ଆଗାମୀ ଦିନରେ ଓଡ଼ିଶା ପୁଲିସକୁ ଆହୁରି ଆଧୁନିକୀକରଣ କରାଯିବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ବହୁ ବରିଷ୍ଠ ପୁଲିସ ଅଧିକାରୀ ଉପସ୍ଥିତ ଥିଲେ।

## ଅତାବିରା ଓ ବରଗଡ଼ ନିର୍ବାଚନମଣ୍ଡଳୀର ପର୍ଯ୍ୟବେକ୍ଷକ ହେଲେ ଡି.ବିଶ୍ୱନାଥ

**ଭୁବନେଶ୍ୱର,୨୬।୨(ସମିସ):** ସୋମବାର ବିଜେଡି ପକ୍ଷରୁ ଅତାବିରା ଓ ବରଗଡ଼ ନିର୍ବାଚନମଣ୍ଡଳୀ ପାଇଁ ଡି. ବିଶ୍ୱନାଥଙ୍କୁ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ କରାଯାଇଛି। ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳ ସଭାପତି ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ଏହି ନିଯୁକ୍ତି ମିଳିଥିବା ନେଇ ବିଜେଡି ପକ୍ଷରୁ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦିଆଯାଇଛି।

## ଆଇଏସ୍‌ସି ରସାୟନ ବିଜ୍ଞାନ ପରୀକ୍ଷା ସ୍ଥଗିତ

**ମାର୍ଚ୍ଚ ୨୧ରେ ହେବ ପୁନଃ ପରୀକ୍ଷା**

**ଭୁବନେଶ୍ୱର, ୨୬।୨(ସମିସ):** ସୋମବାର ହେବାକୁ ଥିବା ଆଇଏସ୍‌ସି ରସାୟନ ବିଜ୍ଞାନ ପେପର-୧ ଥିଓରି ପରୀକ୍ଷାକୁ ପରୀକ୍ଷାର ଦୁଇଘଣ୍ଟା ପୂର୍ବରୁ 'ଅପ୍ରତ୍ୟାଶିତ ପରିସ୍ଥିତି' ଦର୍ଶାଇ ସ୍ଥଗିତ କରାଯାଇଛି। ଏହାସହ ପରୀକ୍ଷାକୁ ମାର୍ଚ୍ଚ ୨୧ତାରିଖକୁ ଘୁଞ୍ଚାଇ ଦିଆଯାଇଛି। ସେଦିନ ଅପରାହ୍ଣ ୨ଟାରେ ପରୀକ୍ଷା କରାଯିବ। ପରୀକ୍ଷା ପାଇଁ ନୂତନ ପ୍ରଶ୍ନପତ୍ର ପ୍ରସ୍ତୁତ କରାଯିବ ବୋଲି ପରିଷଦ ପକ୍ଷରୁ କୁହାଯାଇଛି। ଏନେଇ ଭାରତୀୟ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷା ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରଶ୍ନପତ୍ର ପ୍ରଘଟ ହୋଇଥିବାରୁ ପରୀକ୍ଷାକୁ ବାତିଲ କରାଯାଇଥିବା ବିଭିନ୍ନ ମହଲରେ ଅଭିଯୋଗ ହେଉଥିଲେ ମଧ୍ୟ ଏହା ସ୍ପଷ୍ଟ ହୋଇନାହିଁ। ପରିଷଦ ପକ୍ଷରୁ ମଧ୍ୟ ଏନେଇ କୌଣସି ସୂଚନା ଦିଆଯାଇନାହିଁ।




## ୮୫୧୧ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ମିଳିବ ମୌଳିକ ଆଇଟି ଦକ୍ଷତା

**ଭୁବନେଶ୍ୱର, ୨୬।୨(ସମିସ):** ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଅନୁସୂଚିତ ଜାତି ବ ଜନଜାତି ବିକାଶ ଏବଂ ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ଅଧୀନରେ ଥିବା ରାଜ୍ୟର ୮୫୧୧ଟି ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ସୂଚନା ଓ ପ୍ରଯୁକ୍ତିବିଦ୍ୟା(ଆଇଟି)ରେ ଦକ୍ଷ ହେବେ। ଏଥିପାଇଁ ଓକାକ୍ ମାଧ୍ୟମରେ ଠିକାରେ କମ୍ପ୍ୟୁଟର ଆସିଷ୍ଟାଣ୍ଟ ନିଯୁକ୍ତ କରି ଛାତ୍ରଛାତ୍ରୀଙ୍କ ଆଇଟି ଦକ୍ଷତା ବୃଦ୍ଧି କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ନିର୍ଦ୍ଧାରିତ ପାଠ୍ୟକ୍ରମ ଅନୁଯାୟୀ ଛାତ୍ରଛାତ୍ରୀଙ୍କୁ ମୌଳିକ ଆଇଟି ଜ୍ଞାନ ପ୍ରଦାନ କରାଯିବ। ବିଦ୍ୟାଳୟରେ ଅନ୍ୟାନ୍ୟ ଆଇଟି ସମ୍ବନ୍ଧୀୟ କାର୍ଯ୍ୟ ମଧ୍ୟ କମ୍ପ୍ୟୁଟର ଆସିଷ୍ଟାଣ୍ଟମାନେ ତୁଲାଇବେ ବୋଲି ଜଣାଯାଇଛି।

# ୩୬୪ ମିଶନ ଶକ୍ତି ଗୋଷ୍ଠୀଙ୍କୁ 'ଆମ ପୋଖରୀ' କାର୍ଯ୍ୟାଦେଶ

## ପୁନରୁଦ୍ଧାର ହେବ ୧୬ପୌରାଞ୍ଚଳର ୯୫ ଜଳାଶୟ

**ଭୁବନେଶ୍ୱର,୨୬।୨(ସମିସ):** ରାଜ୍ୟର ୧୬ ପୌରାଞ୍ଚଳରେ ଥିବା ୯୫ ଜଳାଶୟର ପୁନରୁଦ୍ଧାର କାର୍ଯ୍ୟ କରାଯିବ। ଏଥିପାଇଁ ଓଡ଼ିଶା ସରକାରଙ୍କର ଗୃହ ଓ ନଗର ଉନ୍ନୟନ ବିଭାଗ ତରଫରୁ ସୋମବାର 'ଆମ ପୋଖରୀ' ଯୋଜନାରେ ୩୬୪ମିଶନ ଶକ୍ତି ଗୋଷ୍ଠୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ଲୋକସେବା ଭବନରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଅନଲାଇନ୍ ଯୋଗେ ବିଭିନ୍ନ ପୌରାଞ୍ଚଳ ଯୋଡ଼ି ହୋଇଥିଲେ। ଗୋଷ୍ଠୀ ସହଭାଗିତାରେ ପରିବେଶ ଦୃଷ୍ଟିକୋଣରୁ ଦୀର୍ଘସ୍ଥାୟୀ ଜଳାଶୟ ନିର୍ମାଣ ନିମନ୍ତେ ଏହି ଦୂରଦୃଷ୍ଟି ସମ୍ପନ୍ନ କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁଭାରମ୍ଭ କରିଥିଲେ।

ମୁଖ୍ୟମନ୍ତ୍ରୀଙ୍କ ମାନସ ସନ୍ତାନ 'ମୁକ୍ତା' ଅନ୍ତର୍ଗତ ଆମ ପୋଖରୀ ଯୋଜନାରେ ସହରାଞ୍ଚଳ ଜଳଶୟଗୁଡ଼ିକର ନବୀକରଣ ଓ ପୁନଃଉଦ୍ଧାର ନିମନ୍ତେ ମିଶନ ଶକ୍ତିର ମା'ମାନଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ସହରାଞ୍ଚଳ ଜଳାଶୟଗୁଡ଼ିକର ଉନ୍ନତୀକରଣ ଏବଂ ପୁନଃଉଦ୍ଧାର ନିମନ୍ତେ '୫-ଟି' ଅଧୀନରେ କାର୍ଯ୍ୟ ଜାରି ରହିଛି। ଏହି କାର୍ଯ୍ୟକ୍ରମରେ ଗୃହ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ଉଷା ଦେବୀ ମୁଖ୍ୟ ଅତିଥି, ବିଜ୍ଞାନ ଓ କାରିଗରୀ କୌଶଳ, ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ବିଧାୟକ ଅନନ୍ତ ନାରାୟଣ ଜେନା, ମେୟର ସୁଲୋଚନା ଦାସ, ଏବଂ ଡେପୁଟି ମେୟର ମଞ୍ଜୁଲତା କହଁର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଗୃହ ଓ ନଗର ଉନ୍ନୟନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଜି.ମାଥିଭାଥନନ୍ ରାଜ୍ୟରେ ସହରାଞ୍ଚଳ ରୁପାନ୍ତୀକରଣ ସମ୍ପର୍କରେ ଆଲୋକପାତ କରିଥିଲେ।

'୫-ଟି' ଅଧୀନରେ ସହରାଞ୍ଚଳରେ ଅବ୍ୟବହୃତ ହୋଇପଡ଼ିଥିବା ଜଳାଶୟଗୁଡିକର ପୁନଃ ଉଦ୍ଧାର ଓ ରୂପାନ୍ତରୀକରଣ କରାଯାଇ ତାହାକୁ ବ୍ୟବହାର ଉପଯୋଗୀ କରାଯାଉଛି। ଏହାଦ୍ୱାରା ମାଆମାନେ କେବଳ ଆର୍ଥିକ ଓ ସାମାଜିକ କ୍ଷେତ୍ରରେ ସ୍ୱାବଲମ୍ବୀ ହେଉଛନ୍ତି, ତାହା ନୁହେଁ, ନିଜର ଦକ୍ଷତା ପ୍ରତିପାଦନ କରିପାରୁଛନ୍ତି ବୋଲି ଅତିଥିମାନେ କହିଥିଲେ। ମିଶନ ଶକ୍ତିର ମା'ମାନଙ୍କ ପାଇଁ ଭୁବନେଶ୍ୱରର ଚିତ୍ର ବଦଳି ଯାଇଛି। କେବଳ ଜଳାଶୟ ନୁହେଁ, ପାର୍କ ନିର୍ମାଣ ଓ ପରିଚାଳନା, ରାସ୍ତା ସୌନ୍ଦର୍ଯ୍ୟକରଣ, ପେଭର ବ୍ଲକ ଇତ୍ୟାଦି କାମ କରି ସେମାନେ ନିଜର ଦକ୍ଷତା ପ୍ରତିପାଦନ କରିଛନ୍ତି ବୋଲି ମେୟର ସୁଲୋଚନା ଦାସ କହିଛନ୍ତି। ସ୍ୱତନ୍ତ୍ର ଶାସନ ସଚିବ ସାଗରିକା ପଟ୍ଟନାୟକ ସ୍ୱାଗତଭାଷଣ ଦେଇଥିଲା ବେଳେ ବିଏମ୍‌ସି କମିସନର ରାଜେଶ ପ୍ରଭାକର ପାଟିଲ ଧନ୍ୟବାଦ ଦେଇଥିଲେ।

**'ସାଇ କା ଆଙ୍ଗନ୍'ରେ ବସନ୍ତ ଉତ୍ସବ**

## ସଦ୍‌ଗୁରୁମାନେ ଶୁଦ୍ଧ ବିଦ୍ୟା ପ୍ରଦାନ କରିଥା'ନ୍ତି: ଗୁରୁଜୀ

**ଗୁରୁଗ୍ରାମ,୨୬।୨:** ଗୁରୁଗ୍ରାମସ୍ଥିତ ଶିରିଡ଼ି ସାଇବାବା ମନ୍ଦିର 'ସାଇ କା ଆଙ୍ଗନ୍' ପରିସରରେ ସିବିଏସ୍ କଲଚରାଲ ଫାଉଣ୍ଡେସନ୍‌ର ସହଯୋଗରେ ଦ୍ୱାବିଂଶ ବସନ୍ତ ଉତ୍ସବ ଆନନ୍ଦ ଉଲ୍ଲାସ ସହକାରେ ପାଳିତ ହୋଇଯାଇଛି। ବିଖ୍ୟାତ ଆଧ୍ୟାତ୍ମିକ ଚିନ୍ତକ ତଥା ମହାନ୍ ଜନସେବୀ ପୂଜ୍ୟ ଗୁରୁଜୀ ଡଃ ଚନ୍ଦ୍ରଭାନୁ ଶତପଥୀ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଦେଶବିଦେଶରୁ ଶତାଧିକ ସାଇଭକ୍ତ ସମ୍ମିଳିତ ହୋଇଥିଲେ। ଗୁରୁଜୀ ଡଃ ଚନ୍ଦ୍ରଭାନୁ ଶତପଥୀ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସାଇ କା ଆଙ୍ଗନର ଶିଶୁ କଳାକାରମାନଙ୍କ ଦ୍ୱାରା ଦେବୀ ସରସ୍ୱତୀ, ଶ୍ରୀଗଣେଶ ଏବଂ ଶ୍ରୀଗୁରୁ ବନ୍ଦନା ସଙ୍ଗୀତ ଓ ନୃତ୍ୟ ମାଧ୍ୟମରେ ପରିବେଷଣ କରାଯାଇଥିଲା। ଓଡ଼ିଶାର ପ୍ରସିଦ୍ଧ ଗାୟିକା ଅନ୍ତରା ଚକ୍ରବର୍ତ୍ତୀ ଏବଂ ଉତ୍ତର ପ୍ରଦେଶର ବିଜୟ ମେହେରୋତ୍ରାଙ୍କ



ସୁମଧୁର ସ୍ୱରରେ ଭାବପୂର୍ଣ୍ଣ ସାଇ ଭଜନ ଗାୟନ ସମଗ୍ର ବାତାବରଣକୁ ସାଇମୟ କରି ଦେଇଥିଲା।

କାର୍ଯ୍ୟକ୍ରମ ଶେଷରେ ଗୁରୁଜୀ ଡଃ ଚନ୍ଦ୍ରଭାନୁ ଶତପଥୀ ତାଙ୍କର ଅମୂଲ୍ୟ ବଚନରେ ଭକ୍ତମାନଙ୍କୁ ସମ୍ବୋଧିତ କରି କହିଲେ ଯେ ବସନ୍ତ ଉତ୍ସବରେ ବିଦ୍ୟାଦାତ୍ରୀ ସରସ୍ୱତୀଙ୍କୁ ପୂଜା କରାଯାଇଥାଏ। ସେହିପରି ସଦ୍‌ଗୁରୁମାନେ ଶୁଦ୍ଧ ବିଦ୍ୟା ପ୍ରଦାନ କରିଥାନ୍ତି। ପ୍ରାଚୀନ ଖଗୋଳ ଶାସ୍ତ୍ରରେ ବର୍ଣ୍ଣିତ ସୂର୍ଯ୍ୟ ସିଦ୍ଧାନ୍ତ ଅନୁସାରେ ହଜାର ହଜାର ବର୍ଷର ଝଡ଼ ଏବଂ ବିଭୀଷିକା ପରେ ପୃଥିବୀର ଶାନ୍ତ ଅବସ୍ଥାକୁ ସରସ୍ୱତୀ କଳ୍ପ କୁହାଯାଇଥାଏ। ଏହି ସମୟରେ ସ୍ୱାଭାବିକ ଭାବରେ ସଙ୍ଗୀତର ଝଙ୍କାର ଉତ୍ପନ୍ନ ହୋଇଥିଲା। ଏଣୁ ବସନ୍ତ ଉତ୍ସବରେ ସଙ୍ଗୀତର ଏକ ପ୍ରମୁଖ ସ୍ଥାନ ରହିଛି। ସାଇବାବା ମଧ୍ୟ ତାଙ୍କର ଜୀବଦଶାରେ ସଙ୍ଗୀତ ଓ କଳାକୁ ପ୍ରୋତ୍ସାହିତ କରୁଥିଲେ। ରାମକୃଷ୍ଣ ପରମହଂସ ମଧ୍ୟ କହୁଥିଲେ ଯେ ମଧୁର ଭାବନା ଉତ୍ପନ୍ନ କରିବାକୁ ହେଲେ ସଙ୍ଗୀତ ଓ ସାହିତ୍ୟକୁ ପ୍ରାଧାନ୍ୟ ଦିଅ। ତେଣୁ ମନ୍ତ୍ର ମଧ୍ୟ ଛନ୍ଦମୟ। କାର୍ଯ୍ୟକ୍ରମରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ଅଂଶଗ୍ରହଣ କରିଥିବା କଳାକାର ଓ ପ୍ରତିଭାମାନଙ୍କୁ ଗୁରୁଜୀ ପ୍ରଶଂସା କରି ମାନପତ୍ର ଓ ଉପଢ଼ୌକନ ପ୍ରଦାନ କରିଥିଲେ। ଆମର ଦୃଷ୍ଟିକୋଣ ଦୋଷଦର୍ଶୀ ନହୋଇ ଶୁଭଦୃଷ୍ଟି ସମ୍ପନ୍ନ ହେବା ଉଚିତ ବୋଲି ଗୁରୁଜୀ କହିଥିଲେ। ସାଇ ପ୍ରକାଶ ସ୍ପିରିଚୁଆଲ ଏବଂ ଚାରିଟେବୁଲ ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି କୁମ୍‌କୁମ୍ ଭାଟିଆ ଧନ୍ୟବାଦ ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମର ସଞ୍ଚାଳନ କରିଥିଲେ ଜ୍ୟୋତ୍ସ୍ନା ରାୟ। ଉତ୍ସବରେ ବହୁ ସଂଖ୍ୟାରେ ସ୍ଥାନୀୟ ଭକ୍ତ ଯୋଗ ଦେଇଥିଲେ। ଇଣ୍ଟରନେଟ୍ ମାଧ୍ୟମରେ କାର୍ଯ୍ୟକ୍ରମର ସିଧା ପ୍ରସାରଣ କରାଯାଇଥିଲା।

DSPL-



ଓଡ଼ିଶା ସରକାର

**ପୁଣ୍ୟାତ୍ମା ଆଚାର୍ଯ୍ୟ ହରିହର ଦାସଙ୍କ**
**ରାଜ୍ୟସ୍ତରୀୟ ଜୟନ୍ତୀ**
**୨୭ ଫେବୃଆରୀ, ୨୦୨୪**

ସକାଳ ଘ. ୮. ୩୦ ମିନିଟ ସମୟରେ ଆଚାର୍ଯ୍ୟ ବିହାର, ଭୁବନେଶ୍ୱରସ୍ଥିତ ପୁଣ୍ୟାତ୍ମା ଆଚାର୍ଯ୍ୟ ହରିହର ଦାସଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ମାଲ୍ୟାର୍ପଣ।

ସନ୍ଧ୍ୟା ୬ ଘଟିକା | ସାଧାରଣ ସଭା | ଜୟଦେବ ଭବନ

ମୁଖ୍ୟ ଅତିଥି : – ଶ୍ରୀଯୁକ୍ତ ତୁଷାରକାନ୍ତି ବେହେରା, ମାନ୍ୟବର ମନ୍ତ୍ରୀ, ଇଲେକ୍‌ଟ୍ରୋନିକ୍ସ, ସୂଚନା ପ୍ରଯୁକ୍ତି, କ୍ରୀଡ଼ା ଓ ଯୁବସେବା, ଗୃହ, ଓଡ଼ିଶା

ବିଶିଷ୍ଟ ଅତିଥି : – ଶ୍ରୀଯୁକ୍ତ ଉମାକାନ୍ତ ସାମନ୍ତରାଏ, ମାନ୍ୟବର ବିଧାୟକ, ସତ୍ୟବାଦୀ

ସମ୍ମାନନୀୟ ଅତିଥି: – ଶ୍ରୀଯୁକ୍ତ ଅନନ୍ତ ନାରାୟଣ ଜେନା, ମାନ୍ୟବର ବିଧାୟକ, ଭୁବନେଶ୍ୱର (ମଧ୍ୟ)
– କସ୍ତୁରୀ ମହାପାତ୍ର, ସଂପାଦିକା, ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁ

ମୁଖ୍ୟବକ୍ତା : – ଶ୍ରୀଯୁକ୍ତ କୃପାସିନ୍ଧୁ ମିଶ୍ର, ଅବସରପ୍ରାପ୍ତ ପ୍ରଶାସକ ତଥା ସଂସ୍କୃତି ଗବେଷକ

ଆଚାର୍ଯ୍ୟ ବିହାର ପରିଷଦ, ଭୁବନେଶ୍ୱର ଆନୁକୂଲ୍ୟରେ ଆଚାର୍ଯ୍ୟ ହରିହରଙ୍କ ଜୀବନାଦର୍ଶ ଉପରେ ଆଧାରିତ ସାମାଜିକ ନାଟକ "ଏକ ସୁଖଦ ଅନୁଭୂତି" ପରିବେଷଣ ଏବଂ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ।

ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଆଚାର୍ଯ୍ୟ ବିହାର ପରିଷଦର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗ ଦେବାକୁ ବିନମ୍ର ଅନୁରୋଧ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR-15001/13/0488/2324



ଆସ ବୁଲିଯିବା ଖଣ୍ଡଗିରି

# ଲୁହରେ ଭିଜୁଛି ଯାତ୍ରା ପଡ଼ିଆ





**ଭୁବନେଶ୍ୱର, ୨୬।୨ (ସମିସ):** ଖଣ୍ଡଗିରି ଯାତ୍ରା ମହାକୁମ୍ଭ ନବମ ରାତିରେ ପହଞ୍ଚିଥିବା ବେଳେ ୬ଟି ଯାତ୍ରା ଦଳ ନାଟକ ପରିବେଷଣ କରୁଛନ୍ତି। କେହି କାହାରିକୁ ଛାଡ଼ୁନାହାନ୍ତି କି ପଛଘୁଞ୍ଚା ଦେଉନାହାନ୍ତି। ହାଇ ଭୋଲ୍‌ଟେଜ ଲଢ଼େଇ ଦେଖିବା ପାଇଁ ଯାତ୍ରାପ୍ରେମୀଙ୍କ ଭିଡ଼ ଜମୁଛି। ଯାତ୍ରା ମହାସମର ସରିବାକୁ ଆଉ ଦିନ କେଇଟା ବାକି ଥିବାବେଳେ ସମସ୍ତେ ନିଜ ନିଜର ଶ୍ରେଷ୍ଠତା ଦେଖାଇବା ଲାଗି ଫୁଲ୍ ଦମରେ ଲାଗିଛନ୍ତି। ନାଟକ ଦେଖିବା ପାଇଁ ଦର୍ଶକଙ୍କ ଭିଡ଼କୁ ଦୃଷ୍ଟିରେ ରଖି ପାର୍ଟିଗୁଡ଼ିକ ସମସ୍ତେ ବହି ରିପିଟ୍ କରୁଛନ୍ତି। ନାଟକ ରିପିଟ ହେଉଥିଲେ ମଧ୍ୟ ଦର୍ଶକଙ୍କ ସଂଖ୍ୟା କମୁନାହିଁ। ୬ଟି ଯାକ ପେଣ୍ଡାଲ ହାଉସ ଫୁଲ୍ ଯାଉଛି। ତେବେ ପ୍ରାୟ ସବୁ ଯାତ୍ରାରେ ପାଥେଟିକ୍ କାହାଣୀ ସହ କଳାକାରଙ୍କ ଜୀବନ୍ତ ଅଭିନୟ ଦର୍ଶକଙ୍କୁ ମଞ୍ଚତଳେ କାନ୍ଦିବା ପାଇଁ ବାଧ୍ୟ କରୁଛି। ସୋମବାର ଜୟଦୁର୍ଗା ସାଂସ୍କୃତିକ ପରିଷଦ ମଞ୍ଚରେ ଖେଳୁଥିବା ସ୍ୱପ୍ନ ମହଲ ତୃତୀୟ ରାତିରେ ବି 'କେତେ କାନ୍ଦିବୁରେ ଗୌରା ଦାସ' ନାଟକ ପରିବେଷଣ କରିଛି। ଏଥିରେ ଗୌର, ନମିତା, ସୁଇଟି, ରାଧା, ସାନ ସତ୍ୟଙ୍କ ଅଭିନୟ ଏବଂ ଖଳନାୟକ ଭୂମିକାରେ ବଡ଼ ସତ୍ୟ ଓ ନରି, ଦିନା ଓ ମାମୁନିଙ୍କ ଅଭିନୟ ଦେଖିବାକୁ ମିଳୁଛି। ମା ମଙ୍ଗଳା ଯୁବ ପରିଷଦ ମଞ୍ଚରେ ସ୍ୱର୍ଣ୍ଣ ମହଲ 'କେତେ ଦୁଃଖ ଦବୁ ଦେରେ କାଳିଆ' ନାଟକ ଦ୍ୱିତୀୟ ରାତିରେ ଦର୍ଶକଙ୍କୁ କିମିଆ କରିଥିବାବେଳେ ସୋମବାର ପୁଣି ସେହି ନାଟକ ମଞ୍ଚସ୍ଥ କରିଛି। ସୁବାସ- କାବେରୀ, ଅଜୁ, ଅପୁଙ୍କ ଅଭିନୟ ଓ ଖଳନାୟକ ଚରିତ୍ରରେ ଜ୍ଞାନଙ୍କୁ ଦେଖିବାକୁ ଭିଡ଼ ଜମାଇଛନ୍ତି ଦର୍ଶକ। ସେପଟେ ସାଇ ନୀଳାଦ୍ରି ଯାତ୍ରା କମିଟି ମଞ୍ଚରେ ରଙ୍ଗ ମହଲ 'ଜହ୍ନରେ ତୋଳିବି ଘର' ନାଟକ ପରିବେଷଣ କରିଛି। ଓଲିଉଡ୍‌ରୁ ଯଲିଉଡ୍‌କୁ ଆସିଥିବା ଅଶ୍ୱିନୀ ଓ ରୀନା, ଖଳନାୟକ ମିଲନଙ୍କ ନିଖୁଣ ଅଭିନୟ ପିଙ୍କି, କୁନା ଆଦିଆନାଙ୍କ କମେଡି ଦେଖିବାକୁ ଦର୍ଶକଙ୍କ ଭିଡ଼ ଲାଗିଛି। ହରେକୃଷ୍ଣ ମହତାବ ସାଂସ୍କୃତିକ ପରିଷଦ ପେଣ୍ଡାଲରେ ତୁଳସୀ ଗଣନାଟ୍ୟ ତୃତୀୟ ରାତିରେ ମଧ୍ୟ 'ଅଧ ରାତିର ସାଥୀ' ନାଟକ ମଞ୍ଚସ୍ଥ କରିଛି। ଚର୍ଚ୍ଚିତ ଖଳନାୟକ ପୀୟୁଷଙ୍କ ଅଭିନୟ ସାଙ୍ଗକୁ ସୋନାଲି, ଜୁଲି, ମାମା, ଖିତିଶ ଓ ବାସୁ ଓ ଗୁରିଆଙ୍କ କମେଡି ତୃତୀୟ ଦିନରେ ପ୍ରଶଂସା ସାଉଁଟିଛି। ସେହିପରି ଇନ୍ଦିରା ସାଂସ୍କୃତିକ ଯୁବ ପରିଷଦ ମଞ୍ଚରେ ଶିବାନୀ ଗଣନାଟ୍ୟ ଚତୁର୍ଥ ରାତିରେ ମଧ୍ୟ ତାର ଚର୍ଚ୍ଚିତ ନାଟକ 'ଗାନ୍ଧୀ ଭୂମିକାରେ କହ୍ନେଇ ଦାସ' ମଞ୍ଚସ୍ଥ କରିଛି। କାହ୍ନା-ଟିକିଙ୍କ ଅଭିନୟ ଦର୍ଶକଙ୍କୁ ବାନ୍ଧି ରଖୁଥିବା ବେଳେ ଓ ଭିକାରୀଙ୍କ ଦମ୍‌ଦାର କମେଡି ଦେଖିବାକୁ ମିଳୁଛି। ସନାତନ ସେବା ସମିତି ପେଣ୍ଡାଲରେ ଅପେରା ସୂର୍ଯ୍ୟ ମନ୍ଦିର ତୃତୀୟ ରାତିରେ ସମାନ ନାଟକ ପରିବେଷଣ କରିଛି। 'ମୁଁ ରାଜା ଝିଅ ତୁ ରିକ୍ସାବାଲା' ନାଟକ ଦର୍ଶକଙ୍କୁ ଭେଟି ଦେଇଛି। ବିନୋଦ-ବେବିନାଙ୍କ ଚର୍ଚ୍ଚିତ ଯୋଡ଼ି ଓ ଦୟା, ଜିନାଙ୍କ କମେଡି ଏବଂ ଖଳନାୟକ ଚରିତ୍ରରେ ଟାହିଆଙ୍କ ଅଭିନୟ ଦେଖିବାକୁ ରାତି ଅନିଦ୍ରା ହୋଇଛନ୍ତି ଦର୍ଶକ।

## 'ଯାତ୍ରା ଜଗତର ରାଜଧାନୀ କହିଲେ ଖଣ୍ଡଗିରିକୁ ହିଁ ବୁଝାଏ'



ଖଣ୍ଡଗିରି ଯାତ୍ରା ମହାକୁମ୍ଭ ଅବସରରେ ଓଡ଼ିଆ ଯାତ୍ରା ଜଗତର ଭେଟେରାନ୍ କଳାକାର ସୁବାସ ବେହେରାଙ୍କୁ ଭେଟିଛନ୍ତି 'ସକାଳ' ପ୍ରତିନିଧି।

**ଆପଣ କେବେଠାରୁ ଯାତ୍ରା ଜଗତକୁ ଆସିଲେ ?**

- ମୁଁ ୧୯୯୩ ମସିହାରେ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟରେ ଚାକିରି କରିଥିଲି। ଗୋଟେ ଦୁର୍ଘଟଣା ପାଇଁ ମୋତେ ଚାକିରିରୁ ବାହାର କରି ଦିଆଗଲା। କିନ୍ତୁ ସେହି ଦୁର୍ଘଟଣା ହିଁ ମୋତେ ଯାତ୍ରା ଅଭିନୟ ଆଡ଼କୁ ଟାଣି ଆଣିଥିଲା। ଇତି ମଧ୍ୟରେ ୨୯ ବର୍ଷ ବିତିଗଲାଣି ଓ ୧୦ଟି ଯାତ୍ରା ପାର୍ଟିରେ କାମ କରିସାରିଲାଣି। ମୁଁ ପ୍ରଥମେ ଖଳନାୟକ ଚରିତ୍ରରେ ଅଭିନୟ କରୁଥିଲି। ହେଲେ ମୋତେ ଥରେ ନାୟକ ଭୂମିକା ମିଳିଲା। ସେବେଠାରୁ ଦର୍ଶକ ମୋତେ ନାୟକ ଭାବେ ଦେଖିବାକୁ ପସନ୍ଦ କଲେ।

**ଖଣ୍ଡଗିରି ଯାତ୍ରାକୁ କେବେଠାରୁ ଆସୁଛନ୍ତି ?**

- ୧୯୯୯ ମସିହା ଠାରୁ ଖଣ୍ଡଗିରି ଯାତ୍ରା ମହାକୁମ୍ଭକୁ ଆସୁଛି। ଯେମିତି ଓଡ଼ିଶାର ରାଜଧାନୀ ଭୁବନେଶ୍ୱର, ସେମିତି ଯାତ୍ରା ଜଗତର ରାଜଧାନୀ କହିଲେ ଖଣ୍ଡଗିରିକୁ ହିଁ ବୁଝାଏ। ଏଠାରେ ନାଟକ ପରିବେଷଣ ପାଇଁ ସବୁ ଯାତ୍ରା କଳାକାର ଅଧିକ ଗୁରୁତ୍ୱ ଦେଇଥାନ୍ତି।

**ସେବେ ଓ ଏବେର ଯାତ୍ରା ଭିତରେ କ'ଣ ଫରକ ଦେଖୁଛନ୍ତି ?**

- ସେତେବେଳେ କଳାକାରଙ୍କର ବଞ୍ଚିବାର ମାନ କିଛି ନ ଥିଲା, କିନ୍ତୁ ଏବେ ତାହା ବହୁତ ମାତ୍ରାରେ ଅଛି। ଲୋକେ ନାଟୁଆ ବୋଲି କହି ଯାତ୍ରା କଳାକାରଙ୍କୁ ହେୟଜ୍ଞାନ କରୁଥିଲେ। ଏବେ ଲୋକେ ଯାତ୍ରା କଳାକାରଙ୍କୁ ସମ୍ମାନ ଦେଉଛନ୍ତି।

**ପୁରୁଣା କଳାକାରଙ୍କ ବିଷୟରେ କ'ଣ କହିବେ ?**

- ଦିନଥିଲା କଳାକାରମାନେ ଶଗଡ଼ରେ ଜିନିଷପତ୍ର ବୋହି ଗୋଟିଏ ସ୍ଥାନରୁ ଅନ୍ୟସ୍ଥାନରୁ ଯାଇ ନାଟକ ପରିବେଷଣ କରୁଥିଲେ। ସେମାନେ ଯାତ୍ରାରୁ କିଛି ପାଇନାହାନ୍ତି। ସେମାନେ ମୂଳଦୁଆ ମଜଭୁତ କରିଥିବାରୁ ଆମଭଳି କଳାକାର ଉପକୃତ ହେଉଛନ୍ତି। ସେମାନଙ୍କ ସମାଧି ଉପରେ ଆମେ ଫୁଲ ହୋଇ ଫୁଟୁଛୁ।

**ଦର୍ଶକ ଏବେ କଳାକାର ନା ଯାତ୍ରା ପାର୍ଟିକୁ ଦେଖି ଆସୁଛନ୍ତି ?**

- ଯାତ୍ରା କ୍ଷେତ୍ରରେ କଳାକାର-ଅନୁଷ୍ଠାନ ଉଭୟ ପରିପୂରକ। ଲୋକ କେବଳ ଯାତ୍ରା ପାର୍ଟିକୁ ଦେଖି ଆସୁନାହାନ୍ତି। କେଉଁ କଳାକାର ଅଛନ୍ତି ସେ ବିଷୟରେ ବୁଝିବା ସହିତ କେଉଁ ନାଟକ ହେବ ତାହା ଜାଣିବା ପରେ ହିଁ ଆସୁଛନ୍ତି। ତେଣୁ ଅନୁଷ୍ଠାନ ପାଇଁ କଳାକାର ଯେତିକି ଲୋଡ଼ା; କଳାକାର ପାଇଁ ଅନୁଷ୍ଠାନ ମଧ୍ୟ ସେତିକି ଜରୁରୀ।

**ନାଟକ ପ୍ରେମୀଙ୍କ ସଂଖ୍ୟା ପୂର୍ବାପେକ୍ଷା ବଢ଼ିଛି ନାଁ କମିଛି ?**

- ଯାତ୍ରା ପ୍ରେମୀଙ୍କ ସଂଖ୍ୟା କମିବାର ପ୍ରଶ୍ନ ଉଠୁନାହିଁ ମୋ ମତରେ ନାଟକ ପ୍ରେମୀଙ୍କ ସଂଖ୍ୟା ଢେର୍ ବଢ଼ିଛି। ଯେକୌଣସି ଜିନିଷ ବିକ୍ରି ନହେଲେ ଆମେ କମ୍ ଟଙ୍କାରେ ବିକ୍ରି କରିଦିଅନ୍ତି । ଟିକଟ ମୂଲ୍ୟ ତ ପୂର୍ବ ଅପେକ୍ଷା ବଢ଼ିଛି, ଚେୟାର ତ ଅଧିକ ପଡୁଛି, ତାହାଲେ କମିଲା କେଉଁଠି ? କମିଛି ଯଦି କେବଳ ଯାତ୍ରାର ମାନ। ଯେଉଁ ଯାତ୍ରା ଆଜି ଏତେ ବାଟକୁ ଆସିଛି, ତାର ମୂଳକଥାକୁ ଆମେ ଭୁଲି ଯାଇଛନ୍ତି । ସେ ମାନକୁ ପ୍ରଯୋଜକମାନେ ପରିବର୍ତ୍ତନ କରନ୍ତୁ ।

**ଯାତ୍ରାକୁ ବଞ୍ଚାଇ ରଖିବାକୁ ହେଲେ କ'ଣ କରିବାକୁ ପଡ଼ିବ ?**

- ଯାତ୍ରା କେବେ ଚଳଚ୍ଚିତ୍ର ହୋଇପାରିବ ନାହିଁ । କିନ୍ତୁ ଆଜିକାଲି ଯାତ୍ରାରେ ଚଳଚ୍ଚିତ୍ରକୁ ଅନୁକରଣ କରାଯାଉଛି। କିନ୍ତୁ ଯାତ୍ରାର ପୁରୁଣା ଶୈଳୀ ବା ମୂଳକଥାକୁ ଧରିବାକୁ ପଡ଼ିବ। ଏଥିପାଇଁ ସମସ୍ତେ ସଚେତନ ହେବା ଦରକାର।

**ନବାଗତଙ୍କ ରାସ୍ତାରେ ବରିଷ୍ଠ କଳାକାରମାନେ କଣ୍ଟା ସାଜିଛନ୍ତି କି ?**

- ମୋ ମତରେ ଯିଏ ନାୟକ ଭୂମିକାରେ ଅଭିନୟ କରିବ ସେ ଯେ ଖାଲି ସୁନ୍ଦର ଦେଖାଯାଉଥିବ ଓ ନିର୍ଦ୍ଦିଷ୍ଟ ବୟସ ଭିତରେ ହୋଇଥିବ, ତାହା ନୁହେଁ। ଜଣେ ୮୦ ବର୍ଷର ଲୋକ ମଧ୍ୟ ନାୟକ ଭୂମିକାରେ ଅଭିନୟ କରିପାରିବ। ସବୁଠାରୁ ବଡ଼କଥା ହେଲା ଲୋକେ ଯେତେବେଳେ ଯାଏଁ ମୋତେ ହିରୋ ଭାବେ ଦେଖିବାକୁ ଚାହୁଁଥିବେ ମୁଁ ସେପର୍ଯ୍ୟନ୍ତ ନାୟକ ଭାବେ ଅଭିନୟ କରୁଥିବି। ନବାଗତ କଳାକାରମାନେ ତାଙ୍କ ଅଭିନୟ ଦକ୍ଷତା ପ୍ରଦର୍ଶନ କରି ଆଗକୁ ଆସନ୍ତୁ। ଫଳରେ ଯାତ୍ରା ସବୁଦିନ ପାଇଁ ବଞ୍ଚି ରହିବ।

**ଆପଣଙ୍କ ପରିବାରରେ ଯାତ୍ରାର ପ୍ରଭାବ କ'ଣ ?**

- ଯଦିବା ସେମିତି କିଛି ପ୍ରଭାବ ପଡ଼ିନାହିଁ; ତେବେ ମୁଁ ଯାତ୍ରାକୁ ଆସିବାଟା ଆରମ୍ଭରୁ ପରିବାର ଲୋକ ଚାହୁଁ ନ ଥିଲେ । ହେଲେ ପରବର୍ତ୍ତୀ ସମୟରେ ରୋଜଗାର ଓ ଲୋକପ୍ରିୟତା ସେମାନଙ୍କ ମତ ବଦଳାଇଦେଲେ । କେବଳ ପରିବାର ନୁହେଁ; ଆମ ଅଞ୍ଚଳର ଲୋକ ମଧ୍ୟ ବେଶ୍ ଖୁସି ହେଲେ।

### ଖଣ୍ଡଗିରି ଗପ

## 'ଏକ'ରେ 'ଦୁଇ'

ଶିରୋନାମା ପଢ଼ି ଆପଣ ଭାବୁଥିବେ ଖଣ୍ଡଗିରି ମେଳାରେ କିଛି ଫ୍ରି' ଅଫର୍ ଲାଗିଛି ବୋଧେ। କିନ୍ତୁ ନାଇଁ ଆଜ୍ଞା ଆମେ ଯାତ୍ରା ଟିକଟ କଥା କହୁଛି। ଖଣ୍ଡଗିରିରେ ଯାତ୍ରା ମଞ୍ଚରେ କିଛି ଦର୍ଶକ କେବଳ ରେକର୍ଡ ଡ୍ୟାନ୍ସ ଦେଖିବାକୁ ପସନ୍ଦ କରୁଛନ୍ତି ତ ଆଉ କିଛି ଲୋକ ନାଟକ ପାଇଁ ସାରାରାତି ଅନିଦ୍ରା ହେଉଛନ୍ତି। ହେଲେ କମ୍ ଖର୍ଚ୍ଚରେ ବା ଗୋଟିଏ ଟିକଟରେ ଦୁଇଜଣ ଦର୍ଶକଙ୍କୁ ଖୁସୀ କରିବାର ଏକ ନୂଆ ଉପାୟ ଏବେ ମିଳିଛି। ଏହାକୁ ଦର୍ଶକ କେବଳ ପ୍ରୟୋଗ କରୁନାହାଁନ୍ତି ବରଂ ସଫଳ ମଧ୍ୟ ହେଉଛନ୍ତି। ରବିବାର ରାତିର କଥା, ରେକର୍ଡ ଡ୍ୟାନ୍ସ ସାରି ଆମେ ବାହାରକୁ ଆସିଲା ବେଳେ ମୁଖ୍ୟ ଫାଟକ ପାଖରେ ଜଣେ ଭାଇ ଆମ ହାତରେ' ଦି ଖଣ୍ଡ 'ଗେଟ୍ ପାସ୍ ଧରେଇ ଦେଲେ। କାହିଁକି ନା ପୁଣି ଯାତ୍ରା ପେଣ୍ଡାଲକୁ ଫେରିଲା ବେଳେ ସେହି ଗେଟ୍ ପାସ୍ ହିଁ ଯଥେଷ୍ଟ ଥିଲା। ଆମ ପଛେ ପଛେ ଆଉ ଜଣେ ଯୁବକ ମଧ୍ୟ ସମାନ ତରିକାରେ ବାହାରକୁ ଆସିଲେ। ପୂର୍ବରୁ ଗେଟ୍ ବାହାରେ ତାଙ୍କୁ ଅପେକ୍ଷା କରିଥିବା ଆଉ ଜଣେ ଯୁବକଙ୍କୁ 'ଗେଟ୍ ପାସ୍' ଧରେଇ ଦେଇ ଚାଲିଗଲେ। ଆମ ମନକୁ ପ୍ରଶ୍ନ ଆସିଲା, ସେ ଗଲେ ତ ଗଲେ, ଅନ୍ୟଜଣଙ୍କୁ କାହିଁ ତାଙ୍କ 'ଗେଟ୍ ପାସ୍' ଦେଲେ ! ଦ୍ୱିତୀୟ ଯୁବକ ଜଣକ ଆଉ କାଳ ବିଳମ୍ବ ନ କରି ସିଧାସଳଖ ମଞ୍ଚ ଭିତରକୁ ଡିଆଁ ମାଇଲେ। ଏଥିରୁ ଆମକୁ ଯାତ୍ରା ଦେଖିବାର ନୂଆ ଫଣ୍ଡା ବା 'ୱାନ୍ ଟିକଟ୍, ଟୁ ଏଣ୍ଟ୍ରି' ର ଫର୍ମୁଲା ଆମକୁ ମିଳିଗଲା। କିଏ ସିନା ଯାତ୍ରା ଦେଖିବାକୁ ରାତି ଅନିଦ୍ରା ହେଉଛି ହେଲେ ଗୋଟିଏ ଟିକଟରେ ଉଭୟ ରେକର୍ଡ ଡ୍ୟାନ୍ସ ପ୍ରେମୀ ଓ ଯାତ୍ରାପ୍ରେମୀଙ୍କୁ ଖୁସି କରିବାର ଆଇଡିଆ କିଏ ବାହାର କଲା ତାକୁ ଖୋଜିଖୋଜି ଆମେ ରାତି ଅନିଦ୍ରା।

- ବରୁଣ

## 'କେତେ କାନ୍ଦିବୁରେ ଗୌରା ଦାସ'

ଆଜିର କାହାଣୀ

ଜୟଦୁର୍ଗା ସାଂସ୍କୃତିକ ପରିଷଦ ମଞ୍ଚରେ ସ୍ୱପ୍ନ ମହଲ ଲଗାତାର ତୃତୀୟ ଦିନରେ ସେହି ଗୋଟିଏ ନାଟକ ପରିବେଷଣ କରିଛି । ଜଣେ ଡ୍ରାଇଭର୍ ଓ ମାଲିକଙ୍କ ଝିଅର ପ୍ରେମ କାହାଣୀକୁ ନେଇ ପ୍ରସ୍ତୁତ ହୋଇଥିବା 'କେତେ କାନ୍ଦିବୁରେ ଗୌରା ଦାସ' ନାଟକ ଭେଟି ଦେଇଛି। ଭେଟେରାନ୍ ଯାତ୍ରା ଅଭିନେତା ଗୌର ଦାସଙ୍କୁ ଡ୍ରାଇଭର ଚରିତ୍ରରେ ଦେଖିବାକୁ ମିଳିଥିବାବେଳେ ନମିତାଙ୍କୁ ମାଲିକଙ୍କ ଝିଅ ଭୂମିକାରେ



ଦେଖିବାକୁ ମିଳିଛି। ସେହିପରି ସାନ ସତ୍ୟ ମାଲିକଙ୍କ ପୁଅ ଓ ରାଧା ତାଙ୍କ ପ୍ରେମିକା ଭୂମିକାରେ ଅଭିନୟ କରୁଛନ୍ତି। ଆରମ୍ଭରୁ ନମିତା ଡ୍ରାଇଭର ଗୌରଙ୍କୁ ଏକତରଫା ପ୍ରେମ କରୁଛନ୍ତି। ପରେ ପରେ ନମିତା 'ରକ୍ତ କର୍କଟ' ରୋଗରେ ପଡ଼ିବା ପରେ ଏକତରଫା ପ୍ରେମ ବିଷୟରେ ଗୌର ଜାଣିବାକୁ ପାଇଛନ୍ତି। ମାଲିକଙ୍କ ଝିଅକୁ ଶେଷ ସମୟରେ ଖୁସିରେ ରଖିବାକୁ ଯାଇ ଡ୍ରାଇଭର ମଧ୍ୟ ତାଙ୍କୁ ଭଲପାଇ ବିବାହ କରୁଛନ୍ତି। ହେଲେ ମାଲିକ ଏହାକୁ ସ୍ୱୀକାର କରୁନାହାନ୍ତି। ନମିତା ତାଙ୍କ ସାଙ୍ଗ ରାଧାଙ୍କୁ ଆଣିବା ପାଇଁ ଗୌରଙ୍କୁ ଷ୍ଟେସନକୁ ପଠାଉଛନ୍ତି। କିଛି ଲୋକ ଷ୍ଟେସନରେ ଜଣେ ଯୁବକଙ୍କୁ ଛୁରି ଭୁସି ହତ୍ୟା କରି ଚାଲି ଯାଉଛନ୍ତି। ଗୌର ଯାଇ ତାଙ୍କ ଛାତିରୁ ଛୁରି କାଢ଼ିବା ସମୟରେ ଯୁବକଙ୍କ ପତ୍ନୀ ତଥା ନମିତାଙ୍କ ସାଙ୍ଗ ରାଧା ସେଠାରେ ପହଞ୍ଚୁଛନ୍ତି। ଗୌର ହିଁ ତାଙ୍କ ସ୍ୱାମୀଙ୍କୁ ହତ୍ୟା କରିଥିବା ଭାବିବା ସହିତ ଏହାକୁ ନେଇ ଏକ ଭୁଲ୍ ବୁଝାମଣା ସୃଷ୍ଟି ହୋଇଛି। ଯୁବକ ଜଣକ ତାଙ୍କ ଶଳା ବୋଲି ଗୌର ଜାଣିବାକୁ ପାଉଛନ୍ତି। ସାନ ସତ୍ୟ ଭଉଣୀର ସାଙ୍ଗକୁ ପ୍ରେମ କରି ଲିଭ୍ ଇନ୍ ରିଲେସନରେ ରହୁଥିବା କଥା ନମିତାଙ୍କୁ ମଧ୍ୟ ଜଣା ନାହିଁ। ଏମିତିକି ପତ୍ନୀ ନମିତା ମଧ୍ୟ ଗୌରଙ୍କୁ ଭୁଲ୍ ବୁଝୁଛନ୍ତି। ଭାଉଜ ତଥା ତାଙ୍କ ସାଙ୍ଗ ରାଧାଙ୍କୁ ବିବାହ କରିବାକୁ ସ୍ୱାମୀଙ୍କୁ ବାଧ୍ୟ କରୁଛନ୍ତି। ହେଲେ ସାନ ସତ୍ୟ ମରି ନ ଥିବା ପରେ ଜଣା ପଡୁଛି। ଗୌର ଅନେକ ମାନସିକ ନିର୍ଯାତନାର ଶିକାର ହେବାପରେ ଶଶୁର ଓ ଶଳା ନିଜ ଭୁଲ୍ ବୁଝି ପାରୁଛନ୍ତି । ଝିଅର ଚିକିତ୍ସା ପାଇଁ ଟଙ୍କା ଦେବାକୁ ଆସିଥିବା ବେଳେ ରକ୍ତ କର୍କଟ ରୋଗରେ ଆକ୍ରାନ୍ତ ଥିବା ନମିତା ପ୍ରାଣ ହରାଇଛନ୍ତି । ପତ୍ନୀଙ୍କ ମୃତ୍ୟୁ ବେଳକୁ ଶଶୁର ଟଙ୍କା ଦେଉଥିବାରୁ ହସି ହସି ହୃଦଘାତର ଶିକାର ହୋଇ ଗୌର ମଧ୍ୟ ମୃତ୍ୟୁବରଣ କରୁଛନ୍ତି ।

---

### ରାଜ୍ୟସ୍ତରୀୟ ନାଟକ ମହୋତ୍ସବ

## ପ୍ରଥମ ସନ୍ଧ୍ୟାରେ 'ଶୁକ ଶାରୀ କଥା'



**ଭୁବନେଶ୍ୱର, ୨୬।୨(ସମିସ):** ଏକ୍ସପ୍ରେସନ୍ସ ନାଟ୍ୟସଂସ୍ଥା ପକ୍ଷରୁ ରାଜ୍ୟସ୍ତରୀୟ ସମସାମୟିକ ଓଡ଼ିଆ ନାଟ୍ୟୋତ୍ସବ ସୋମବାର ଭଞ୍ଜକଳା ମଣ୍ଡପଠାରେ ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ସନ୍ଧ୍ୟାରେ ନାଟକ 'ଶୁକ ଶାରୀ କଥା' ମଞ୍ଚସ୍ଥ ହୋଇଥିଲା। ୧୯୭୮ ମସିହାରେ ଭାରତବର୍ଷର ମାନଚିତ୍ରରେ ନ ଥିବା ଭାତପଡ଼ା ଗାଁର କଥାବସ୍ତୁକୁ ନେଇ ନାଟକର କାହାଣୀ ଆରମ୍ଭ। ନାଟକଟି ସେଇ ଅପନ୍ତରା ଗାଁରେ ଘଟିଥିବା ଦିନକର କଥା। ସେଇ ଗାଁର ଶୁକ ମୂଳ ଲାଗେ ଓ ବାଘ ନାଚ ଦେଖାଇ ପେଟ ପୋଷେ। ବୟସରେ ଜବାନ, ଭେଣ୍ଡା ଶୁକ ଦିନେ ଦିବ୍ୟାଙ୍ଗ ହୋଇଯାଇଛି। ତା'ର ହାତ ଗୋଡ଼ ଚଳିଲା ନାହିଁ। ଆଉ ଶୁକ ବାଘ ବେଶ ପକାଉ ନାହିଁ କି ପରମ୍ପରାର ନାଟ ଆଉ ଦେଖାଇପାରୁ ନାହିଁ। ନାଟକର ଏହି କାହାଣୀଟିକୁ କଳାକାରମାନେ ଜୀବନ୍ତ ଭାବେ ଉପସ୍ଥାପନ କରିଛନ୍ତି। ନାଟକକୁ ରଚନା କରିଛନ୍ତି ନାଟ୍ୟକାର କାର୍ତ୍ତିକ ଚନ୍ଦ୍ର ରଥ ଓ ନିର୍ଦ୍ଦେଶନା ଦେଇଛନ୍ତି ଦେବାନନ୍ଦ ନାୟକ ସୋନୀ। ନାଟକର ସହକାରୀ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଛନ୍ତି କାଜଲ୍ ରାନୀ ଓ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଆଶିଷ ପୁପି। ଅଭିନୟରେ ଯୋସେଫ୍, ସୂର୍ଯ୍ୟକାନ୍ତ, ସୌମ୍ୟ, ସିଦ୍ଧାନ୍ତ, ଜଗନ୍ନାଥ, ବାଙ୍ଗୁଡୁ, ଫିନୋଜ୍, ଶୁଭଲକ୍ଷ୍ମୀ, ଏବଂ ସରିତାଙ୍କୁ ଦେଖିବାକୁ ମିଳିଥିଲା। ଉଦ୍‌ଘାଟନ ସନ୍ଧ୍ୟାରେ ଅତିଥି ଭାବେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସମ୍ପାଦକ ପ୍ରବୋଧ ରଥ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ଉପସଭାପତି ମନ୍ମଥ ଶତପଥୀ, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ. ମାୟା ଦାସ, ବଣିକ୍ ଏଜୁକେସନ୍ ପ୍ରାଲିର କାର୍ଯ୍ୟକାରୀ ନିର୍ଦ୍ଦେଶକ ସୁବ୍ରତ କୁମାର ଛାଟୋଇ ଯୋଗ ଦେଇଥିଲେ। ଏହି ଅବସରରେ ଅଭିନେତା ଓ ମଞ୍ଚ ପରିକଳ୍ପନାକାରୀ ଅମିୟ କୁମାର ମହାରଣା, କଣ୍ଠଶିଳ୍ପୀ ରମେଶ ଚନ୍ଦ୍ର ସାହୁ ଓ ଅଭିନେତା ଓ କଣ୍ଠଶିଳ୍ପୀ ଅନୁଜ ପଟ୍ଟନାୟକଙ୍କୁ ପୁରସ୍କୃତ କରାଯାଇଥିଲା।

## ଭିନ୍ନକ୍ଷମଙ୍କୁ କୃତ୍ରିମ ଅଙ୍ଗ ଓ ସହାୟକ ଉପକରଣ ବଣ୍ଟନ

**ଭୁବନେଶ୍ୱର, ୨୬।୨(ସମିସ):** ରାଜ୍ୟରେ ପ୍ରାୟ ୪ଲକ୍ଷ ଭିନ୍ନକ୍ଷମ ରହିଥିବାବେଳେ ସେମାନଙ୍କୁ ଆବଶ୍ୟକ କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ତଥା ଅନ୍ୟାନ୍ୟ ସହାୟକ ସରଞ୍ଜାମ ଯୋଗାଇ ଦିଆଯିବା ପାଇଁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ବିସ୍ତୃତ ଯୋଜନା ପ୍ରସ୍ତୁତ ହୋଇଛି ବୋଲି ବିଭାଗୀୟ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ପ୍ରକାଶ କରିଛନ୍ତି। ସୋମବାର ୟୁନିଟ୍-୬ସ୍ଥିତ ବିଏମ୍‌ସି କଲ୍ୟାଣମଣ୍ଡପରେ ଆୟୋଜିତ କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ବିତରଣ କାର୍ଯ୍ୟକ୍ରମରେ ୭୨ଟି କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ, ୫ଟି ହ୍ୱିଲ୍ ଚେୟାର, ୨ଟି ଟ୍ରାଇ-ସାଇକଲ୍, ୫ ହଳ ସହାୟକ ଆଶାବାଡ଼ି ଏବଂ ୨ଟି ଏଲ୍‌ବୋ କ୍ରଚ୍ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିରିକ୍ତ ମହାନିର୍ଦ୍ଦେଶକ, କ୍ରାଇମ୍ ଅରୁଣ ବୋଥ୍ରା, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ବିଧାୟକ ଅନନ୍ତ ନାରାୟଣ ଜେନା, ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡର ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର, ଡେପୁଟି ମେୟର ମଞ୍ଜୁଲତା କହଁର, ଡାକ୍ତର ଶୀତିକଣ୍ଠ ଦାସଙ୍କ ସମେତ ୩୨୬୨ ଜିଲ୍ଲା ରୋଟାରୀ ସଂଗଠନର ବରିଷ୍ଠ କର୍ମକର୍ତ୍ତା ଯୋଗଦେଇଥିଲେ। ବିଭାଗୀୟ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ କାର୍ଯ୍ୟକ୍ରମରେ ଯୋଗଦେଇ କହିଥିଲେ ଯେ, ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଓ ବିଜୁ ମହାବୀର ଜୟପୁର ଫୁଟ୍ ସେଣ୍ଟର ମିଳିତ ଭାବେ ଖୋର୍ଦ୍ଧା ଓ ଗଞ୍ଜାମ ଜିଲ୍ଲାରେ ୨୮ରୁ ଅଧିକ ଭ୍ରାମ୍ୟମାଣ ଶିବିର ଆୟୋଜନ କ୍ରମେ ସହାୟକ ଉପକରଣ ବିତରଣ କରିସାରିଛନ୍ତି। ପୂର୍ବରୁ ଅନୁଷ୍ଠିତ ଏହି ଶିବିରଗୁଡ଼ିକ ମାଧ୍ୟମରେ ୫୦୦ରୁ ଅଧିକ ହିତାଧିକାରୀ ଉପକୃତ ହୋଇଛନ୍ତି।

## ଗୀତରେ ଗୀତରେ ଗାଁର ସ୍ମୃତି



**ଭୁବନେଶ୍ୱର, ୨୬।୨(ସମିସ):** 'ସମାଜ ଓ ସଂସ୍କୃତି'ର ୧୯ତମ ବାର୍ଷିକ ଉତ୍ସବ ଉପଲକ୍ଷେ ସ୍ୱତନ୍ତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ 'ଏଇ ଆମରି ଗାଁ' ସୋମବାର ଜୟଦେବ ଭବନରେ ଅନୁଷ୍ଠିତ ହୋଇଯାଇଛି। ଗାଁ ଜୀବନ, ଗାଁ ଅନୁଭୂତି ଓ ଗାଁ ପରିବେଶକୁ ନେଇ ବିଭିନ୍ନ ସମୟରେ ସୃଷ୍ଟି ହୋଇଥିବା ଲୋକପ୍ରିୟ ଗୀତ ପରିବେଷଣ କରାଯାଇଥିଲା। ଯେଉଁଥିରେ ଗାଁ'ର ସ୍ମୃତିକୁ ମନେପକାଇଥିଲେ ଶ୍ରୋତା। ଲୋକପ୍ରିୟ ତଥା ଯୁବ କଣ୍ଠଶିଳ୍ପୀ ଦେବାଶିଷ ମହାପାତ୍ର, ବିଭୁକିଶୋର, ସୌରଭ ନାୟକ, ଶୈଳଭାମା, ଅଦ୍ୟାଶା, ଛନ୍ଦା ମିଶ୍ର, ଗିରିଜା ଦାଶ, ସତ୍ୟ ସାର୍ଥକ, ଦିବ୍ୟାଜ୍ୟୋତି, ଗୌତମ ଓ ଅଭିପ୍ସା ପ୍ରମୁଖ ଗାଁ ପରିବେଶ ଓ ଗାଁ ଅନୁଭୂତିକୁ ନେଇ ଲୋକପ୍ରିୟ ଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ବିଧାୟକ ଡ. ଅରୁଣ ସାହୁ ଉଦ୍‌ଘାଟନ କରିଥିବାବେଳେ ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ସରୋଜ ସାମଲ, 'ସମାଜ ଓ ସଂସ୍କୃତି'ର ସଭାପତି ନିଶିକାନ୍ତ ମିଶ୍ର, ଅନୁଷ୍ଠାନର ବରିଷ୍ଠ ସଭ୍ୟ ପ୍ରଫେସର ଜ୍ୟୋତିରଞ୍ଜନ ଦାସ, କାର୍ଯ୍ୟକାରୀ ସଭାପତି ଚୌଧୁରୀ ଅମିତାଭ ଦାସ, ସମ୍ପାଦକ ଗିରିଜା ଶଙ୍କର ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଲେଖିକା ଅସୀମା ସାହୁଙ୍କୁ 'ଈଶ୍ୱର ଚନ୍ଦ୍ର ସାହିତ୍ୟ ସମ୍ମାନ-୨୦୨୪' ପ୍ରଦାନ କରାଯାଇଥିଲା। ଏହାସହ କଣ୍ଠଶିଳ୍ପୀ ଶୈଳଭାମା ମହାପାତ୍ର, ସମାଜସେବୀ ନୃପେଶ ନାୟକ ଓ ଉଦ୍ୟୋଗପତି ଶିବାଶିଷ ମିଶ୍ରଙ୍କୁ 'ନବମ ଚନ୍ଦ୍ର ମାଧବ ମିଶ୍ର ସ୍ମୃତି ସମ୍ମାନ-୨୦୨୪' ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଡ. ଶ୍ରୀନିବାସ ଘଟୁଆରୀ ସଂଯୋଜନା କରିଥିଲେ।



# ଭୁବନେଶ୍ୱର ସିଟି

## ଓଡ଼ିଶା ନ୍ୟାୟିକ ଇତିହାସରେ ପ୍ରଥମ

# ୪ ଦିନରେ ଚାର୍ଜସିଟ୍, ୭ ଦିନରେ ଶୁଣାଣି

**ଭୁବନେଶ୍ୱର, ୨୬ ।୨(ସମିସ):** ଓଡ଼ିଶା ନ୍ୟାୟିକ ଇତିହାସରେ ପ୍ରଥମଥର ପାଇଁ ଏକ ମାମଲାରେ ୪ ଦିନରେ ଚାର୍ଜସିଟ ଦାଖଲ ହୋଇଥିବା ବେଳେ ୭ଦିନରେ ହୋଇଛି ଶୁଣାଣି । ଲିଙ୍ଗରାଜ ମନ୍ଦିର ନିକଟରେ ଜଣେ ବିଦେଶିନୀଙ୍କୁ ଅସଦାଚରଣ କରିବା ଘଟଣାରେ ଏଭଳି ତ୍ୱରିତ ବିଚାର ପ୍ରକ୍ରିୟା ଏବେ ବିରଳ ଉଦାହରଣ ପାଲଟିଛି । ଏଭଳି ତ୍ୱରିତ୍ ବିଚାର ପ୍ରକ୍ରିୟା ଦ୍ୱାରା ସାରା ବିଶ୍ୱକୁ ଏକ ଉତ୍ତମ ବାର୍ତ୍ତା ଯାଇଛି ବୋଲି କହିଛନ୍ତି ସରକାରୀ ଓକିଲ ବିଜୟ କୁମାର ବାରିକ । ଏହି ମାମଲାର ପ୍ରଥମ ଦିନରେ ଶୁଣାଣି ବେଳେ କୋର୍ଟରେ ହାଜର ହୋଇଥିଲେ ପୀଡ଼ିତା ବିଦେଶିନୀଙ୍କ ସହ ଗିରଫ ହୋଇ ବିଚାର ବିଭାଗୀୟ ହାଜତରେ ଥିବା ଅଭିଯୁକ୍ତ । ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ କୋର୍ଟରେ ହୋଇଛି ତ୍ୱରିତ ଶୁଣାଣି । ସ୍ୱିଡେନର ପୀଡ଼ିତା କୋର୍ଟରେ ହାଜର ପରେ ଅଭିଯୁକ୍ତ କୁନ୍ଦନ ମହାପାତ୍ରର ଉପସ୍ଥିତିରେ ମାମଲାର ବିଚାର ପ୍ରକ୍ରିୟା ଆରମ୍ଭ ହୋଇଥିଲା । ଏନେଇ ସରକାରୀ ଓକିଲ ପୀଡ଼ିତାଙ୍କର ସାକ୍ଷ୍ୟ ଗ୍ରହଣ କରିଥିବା ବେଳେ ପ୍ରତିପକ୍ଷ ଓକିଲ ମଧ୍ୟ ପୀଡ଼ିତାଙ୍କୁ କ୍ରସ ଏକ୍ଜାମିନ କରିଥିଲେ । ଫଳରେ ପୀଡ଼ିତା ନିଜ ସହ ଘଟିଥିବା ଅଶାଳୀନ ବ୍ୟବହାର ସମ୍ପର୍କରେ ଗୋଟି ଗୋଟି କରି ବଖାଣିଥିଲେ । ତେବେ

### ଲିଙ୍ଗରାଜ ମନ୍ଦିର ନିକଟରେ ବିଦେଶିନୀଙ୍କୁ ଅସଦାଚରଣ ମାମଲା

ଏନେଇ ସାକ୍ଷ୍ୟ ଗ୍ରହଣ ପରେ ଅନ୍ୟ ସାକ୍ଷୀମାନଙ୍କର ସାକ୍ଷ୍ୟ ଗ୍ରହଣ ପାଇଁ ଆଉ ଏକ ତାରିଖ ଧାର୍ଯ୍ୟ କରାଯାଇଛି । ଲିଙ୍ଗରାଜ ଥାନା କେସ ନମ୍ବର ୩୫/୨୪ ଆଧାରରେ ବିଦେଶିନୀ ପୀଡ଼ିତାଙ୍କ ଅଭିଯୋଗ ଆଧାରରେ ଦଫା ୩୪୧/୩୫୪/୩୫୪ ବରେ ମାମଲା ରୁଜୁକରି ଅଭିଯୁକ୍ତ କୁନ୍ଦନ ମହାପାତ୍ରଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା । ଏହି ଘଟଣାର ୪ ଦିନ ପରେ ଅର୍ଥାତ ୨୩ ଫେବୃୟାରୀରେ ଚାର୍ଜସିଟ୍ ଦାଖଲ କରାଯାଇଥିଲା । ପରେ ୨୬ ତାରିଖରେ ଏହାର ବିଚାର ପ୍ରକ୍ରିୟା ଆରମ୍ଭ ହୋଇଛି ଯାହକି ଓଡ଼ିଶା ନ୍ୟାୟିକ ଇତିହାସରେ ଏହା ପ୍ରଥମ ଘଟଣା । ଅର୍ଥାତ ୭ ଦିନ ମଧ୍ୟରେ ନ୍ୟାୟିକ ଶୁଣାଣି ଆରମ୍ଭ ହୋଇଛି ଯାହକି ବିଶ୍ୱ ପାଇଁ ନିଆରା ବାର୍ତ୍ତା ଯିବ ବୋଲି ଏହି କେସ ପରିଚାଳନା କରୁଥିବା ସରକାରୀ ଓକିଲ ବିଜୟ କୁମାର ବାରିକ କହିଛନ୍ତି । ସ୍ୱିଡେନରୁ ଆସିଥିବା ଜଣେ ବିଦେଶିନୀ ଯିଏକି ଆର୍କିଓଲୋଜି ବିଭାଗର ଛାତ୍ରୀ । ସେ ଶୈଳଶ୍ରୀ ବିହାରରେ ନିଜ ସାଙ୍ଗ ସହ ଲିଙ୍ଗରାଜ ମନ୍ଦିରର ବୁଲିବାକୁ ଆସିଥିଲେ । ମନ୍ଦିରର ଉତ୍ତର ଦ୍ୱାରରେ ବୁଲୁଥିବା ବେଳେ ଜଣେ ସେବାୟତ ତଥା ଅଭିଯୁକ୍ତ କୁନ୍ଦନ ମହାପାତ୍ର ତାଙ୍କୁ ମନ୍ଦିର ସମ୍ପର୍କରେ ଗାଇଡ୍ ଭାବେ ବୁଝାଇବେ କହି ବୁଲାଇଥିଲେ । ଏହି ସମୟରେ ମନ୍ଦିରର ଐତିହ୍ୟ ସମ୍ପର୍କରେ ବୁଝାଇବା ସମୟରେ ବିଦେଶିନୀଙ୍କ ସହ ଅସଦାଚରଣ କରିଥିଲେ ।

● ଟଙ୍କା ନେଲା; ଦୀର୍ଘବର୍ଷ ହେଲା ଘର ଦେଉନି ହାଉସିଂବୋର୍ଡ

# ଧାରଣାରେ ଖାରବେଳ ଏନ୍‌କ୍ଲେଭ ଆବେଦନକାରୀ




**ଭୁବନେଶ୍ୱର, ୨୬ ।୨(ସମିସ):** ଜାଗମରା ଅଞ୍ଚଳରେ ଖାରବେଳ ଏନ୍‌କ୍ଲେଭ୍ ନାମରେ ଏକ ବହୁତଳବିଶିଷ୍ଟ ପ୍ରାସାଦ ୨୦୧୧ ମସିହାରେ ହାଉସିଂବୋର୍ଡ ପକ୍ଷରୁ ଶିଳାନ୍ୟାସ କରାଯାଇଥିଲା । ପ୍ରଥମେ, ୨୦୧୪ରେ ଓ ପରେ ୨୦୨୦ ଜୁନ୍‌ରେ ଏଠାରେ ଘରମାଲିକଙ୍କୁ ଘର ହସ୍ତାନ୍ତର କରିବାର ବିଜ୍ଞପ୍ତି ଜାରି ହୋଇଥିଲା । ଲଟେରୀ ମାଧ୍ୟମରେ ୧୦୪ଜଣ ଲୋକ ଏହି ଘରଗୁଡ଼ିକକୁ ପାଇବାର ଯୋଗ୍ୟ ବିବେଚିତ ହୋଇ ଆବଣ୍ଟନ ହୋଇଥିବା ଏହି ଘରଗୁଡ଼ିକୁ କିଣିବା ପାଇଁ ପ୍ରାର୍ଥୀମାନେ ବିଭିନ୍ନ ବ୍ୟାଙ୍କରୁ ଋଣ ନେଇ ସରକାରଙ୍କ ତହବିଲରେ ଜମା କରିଥିଲେ । ହେଲେ ଏହା ମଧ୍ୟରେ ୧୩ ବର୍ଷ ହେଲା ନିର୍ମାଣ କାର୍ଯ୍ୟ ଶେଷ ହେଉନାହିଁ । ଯଦିଓ କୋଭିଡ୍ ସମୟରେ ନିର୍ମାଣ ପ୍ରକ୍ରିୟା ପ୍ରଭାବିତ ହୋଇଥିଲା । କୋଭିଡ୍ ସମୟ ପାର ହୋଇଯାଇଥିଲେ ମଧ୍ୟ ନିର୍ମାଣ କାର୍ଯ୍ୟ ଶେଷ ହେଉନାହିଁ । କିମ୍ବା ଘର ମାଲିକମାନଙ୍କୁ ଘର ହସ୍ତାନ୍ତର କରାଯାଇ ପାରିନାହିଁ । ସେପଟେ ଲୋକ ବ୍ୟାଙ୍କ୍‌କୁ ସୁଧ ଗଣି ଗଣି ନୟାନ୍ତ ହେଲେଣି । କିଛି ଲୋକ ଅବସର ପରେ ଭଡାଘରେ ମୁଣ୍ଡ ଗୁଞ୍ଜିଛନ୍ତି । କିଛି ଲୋକ ନ୍ୟାୟାଳୟର ଆଶ୍ରୟ ନେଇଥିବାବେଳେ, ଆଉ କିଛି ସୋମବାର ହାଉସିଙ୍ଗ୍ ବୋର୍ଡ ଆଗରେ ଧାରଣା ଦେଇଛନ୍ତି ।

■ କ୍ରିପ୍ଟୋ ପୁଞ୍ଜି ନିବେଶରେ ଠକେଇ ମାମଲା

## କୋର୍ଟରେ ଚାର୍ଜସିଟ୍ ଦାଖଲ କଲା ଇଓଡବ୍ଲ୍ୟୁ

**ଭୁବନେଶ୍ୱର, ୨୬ ।୨(ସମିସ):** କ୍ରିପ୍ଟୋ ପୁଞ୍ଜି ନିବେଶରେ ଠକେଇ ମାମଲାରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧଶାଖା (ଇଓଡବ୍ଲ୍ୟୁ) କୋର୍ଟରେ ଚାର୍ଜସିଟ୍ ଦାଖଲ କରିଛି । ୨୫୦ ପୃଷ୍ଠାର ଏହି ଚାର୍ଜସିଟ୍ ଦାଖଲ କରାଯାଇଥିବା ବେଳେ ଏଥିରେ ମୁଖ୍ୟ ଅଭିଯୁକ୍ତ ଭାବେ ସୁଶୀଲ କୁମାର ଗୁଡୁ ଏବଂ ଅନ୍ୟମାନଙ୍କ ନାମ ରଖାଯାଇଛି । ଏହି ଠକେଇ କିଭଳି ହୋଇଥିଲା, ଏଥିରେ କେଉଁମାନେ ସବୁ ସମ୍ପୃକ୍ତ ଅଛନ୍ତି । ସେନେଇ ବିସ୍ତୃତଭାବେ ଉଲ୍ଲେଖ ରହିଛି । ପୂର୍ବରୁ ଏସଟିଏ ଇଣ୍ଡିଆର ଝାଡ଼ଖଣ୍ଡ ମୁଖ୍ୟ ତଥା ପ୍ରତିଷ୍ଠାତା ସଦସ୍ୟ ସୁଶୀଲ କୁମାର ଟୁଡୁକୁ ଗିରଫ କରାଯାଇଥିଲା । ତାକୁ ନିରସା ଥାନା ଅଞ୍ଚଳରୁ ଗିରଫ କରାଯାଇଛି । ଅଭିଯୁକ୍ତ ସୁଶୀଲର ଘର ଝାଡ଼ଖଣ୍ଡର ଧାନବାଦ ଜିଲ୍ଲାର ଅଧିବାସୀଅଟନ୍ତି । ସୁଶୀଲ ଟୁଡୁଙ୍କ ବ୍ୟାଙ୍କ ଖାତାରେ ଥିବା ୧୫.୫୩ ଲକ୍ଷଟଙ୍କାକୁ ଫ୍ରିଜ୍ କରାଯାଇଥିଲା ।

## ଦୁଇଜଣଙ୍କ ଘରୁ ୨୦ ଲକ୍ଷର ଗହଣା ଲୁଟ୍

**ଭୁବନେଶ୍ୱର, ୨୬ ।୨(ସମିସ):** ରାଜଧାନୀରେ ମାତିଛନ୍ତି ଚୋର ଘର ଖାଲିକରି ଗଲେ ସେମାନେ କଳାକନା ବୁଲାଇ ଦେଉଛନ୍ତି । ଏହିଭଳି ରବିବାର ମହାବୀରନଗର ଲେନ୍-୧ ଏବଂ ଲେନ୍-୩ ଦୁଇ ଜଣଙ୍କ ଘରୁ ଚୋରି ହୋଇଛି । ଏନେଇ ତ୍ରିନାଥ ମୁଦୁଲି ଏବଂ ସୁରେନ୍ଦ୍ର କୁମାର ପାତ୍ର ଲକ୍ଷ୍ମୀସାଗର ଥାନାରେ ଅଭିଯୋଗ କରିଛନ୍ତି । ତ୍ରିନାଥଙ୍କ ଘରୁ ୧୨ଲକ୍ଷ ଟଙ୍କାର ସୁନା ଅଳଙ୍କାର ଚୋରି ହୋଇଥିବା ବେଳେ ସୁରେନ୍ଦ୍ରଙ୍କ ଘରୁ ୮ ଲକ୍ଷ ଟଙ୍କାର ସୁନା ଗହଣା ଏବଂ ୩ଲକ୍ଷ ଟଙ୍କା ଚୋରି ହୋଇଛି । ତ୍ରିନାଥ ତାଙ୍କ ପରିବାର ସହ କୌଣସି କାମରେ ବାହାରକୁ ଯାଇଥିଲେ । ଏହାର ସୁଯୋଗରେ ଚୋର ଘରର ତାଲା ତାଡ଼ି ଘର ଭିତରେ ପଶିଥିଲେ । ଏହାପରେ ଆଲମାରୀରେ ଥିବା ସୁନାଗହଣା ଚୋରିକରି ନେଇଥିଲେ । ଏହିଭଳି ସମାନ ପ୍ରକାର ସୁରେନ୍ଦ୍ରଙ୍କ ଘରୁ ଚୋରି ହୋଇଛି । ସେ ବାହାରିକୁ ପରିବାର ସହ ଯାଇଥିବା ବେଳେ ଗ୍ରିଲ୍ ତାଡ଼ି ସୁନାଗହଣା ଲୁଟି ନେଇଥିଲେ ।

## ନିର୍ମାଣାଧୀନ ଘରୁ ଚୋରି ଦୁଇ ଗିରଫ

**ଯାଁଳା, ୨୬।୨(ସମିସ):** ଏକ ନିର୍ମାଣାଧୀନ ଘରୁ ଲୁହା ସାମଗ୍ରୀ ଚୋରି କରିବା ଅଭିଯୋଗରେ ସୋମବାର ଇନ୍‌ଫୋଭ୍ୟାଲି ଥାନା ପୁଲିସ ଦୁଇଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତଦ୍ୱୟ ହେଲେ ଯାଜପୁର ଜିଲ୍ଲା ମଙ୍ଗଳପୁର ଥାନା ଈଶ୍ୱରପୁରର ଅରୁନଭ ସାମଲ । ଚୋରି ସାମଗ୍ରୀ କିଣିଥିବା ଇନ୍‌ଫୋଭ୍ୟାଲି ଥାନା ଯାଁଳାରେ ରହୁଥିବା ନୟାଗଡ଼ ଜିଲ୍ଲା ଫତେଗଡ଼ର କୁଳମଣି ଦାସ । ପୁଲିସ ସେମାନଙ୍କ ଠାରୁ ଲୁହା ସାମଗ୍ରୀ ଓ ଗୋଟିଏ ସ୍କୁଟି ଜବତ କରିବା ସହ ଆଜି ଅଦାଲତ ଚାଲାଣ କରିଛି । ସୂଚନା ଅନୁସାରେ ଗତ ଶନିବାର ରାତିରେ ଇନ୍‌ଫୋଭ୍ୟାଲି ଥାନା ଡିଏନ୍ ନ୍ୟୁ କଲୋନୀରେ ଥିବା ଏକ ନିର୍ମାଣାଧୀନ କୋଠାରୁ କିଛି ଲୁହା ସାମଗ୍ରୀ ଚୋରି ହୋଇଥିଲା । ଏ ନେଇ ଅଭିଯୋଗକାରୀ ସୟଦ ଇଶାକ୍ ଅଲ୍ଲୀ ଇନ୍‌ଫୋଭ୍ୟାଲି ଥାନାରେ ଅଭିଯୋଗ କରିଥିଲେ । ପୁଲିସ ନିକଟରେ ଲାଗିଥିବା ଚିତ୍ର ଉତ୍ତୋଳନ ଯନ୍ତ୍ର ଯାଞ୍ଚ କରି ଦୁଇଜଣ ଯୁବକକୁ ଚିହ୍ନଟ କରିଥିଲେ । ପଚରାଉଚରା ବେଳେ ଉଭୟ ଅଭିଯୁକ୍ତ, ଏହି ଅପରାଧରେ ସାମିଲ ଥିବା କଥା ସ୍ୱୀକାର କରିଥିଲେ । ଉଲ୍ଲେଖ ଯୋଗ୍ୟ ଯେ, ଏହି ଚୋରିରେ ସାମିଲ ଥିବା ମୁଖ୍ୟ ଅଭିଯୁକ୍ତ ଅରୁନଭ ଜଣେ ବିଟେକ୍ ଛାତ୍ର ବୋଲି ତଦନ୍ତ ବେଳେ ଜଣାପଡ଼ିଛି ।

## ମୋ-ବସ୍‌ରେ ଲୁଟେରାଙ୍କ ଉତ୍ପାତ

● ମହିଳାଙ୍କ ଭ୍ୟାନିଟିରୁ ନେଇଗଲେ ୧୦ଲକ୍ଷର ଗହଣା

**ଭୁବନେଶ୍ୱର, ୨୬ ।୨(ସମିସ):** ମହିଳାଙ୍କ ଭ୍ୟାନିଟି ବ୍ୟାଗ୍‌ରୁ ହାତ ସଫେଇ କଲେ ଲୁଟେରା । ତାଙ୍କ ବ୍ୟାଗ୍‌ରେ ଥିବା ୧୦ଲକ୍ଷରୁ ଊର୍ଦ୍ଧ୍ୱ ସୁନା ଅଳଙ୍କାର ଲୁଟି ନେଇଛନ୍ତି ଦୁର୍ବୃତ୍ତ । ଏନେଇ ଖଣ୍ଡଗିରି ଥାନାରେ ରଘୁନାଥ ପଟ୍ଟନାୟକ ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରି ତଦନ୍ତ କରୁଛି । ଅଭିଯୋଗ ଅନୁସାରେ, ରଘୁନାଥ ଏବଂ ତାଙ୍କ ପତ୍ନୀ ଆଖି ପରୀକ୍ଷା କରାଇବା ପାଇଁ ନୟାଗଡ଼ରୁ ଭୁବନେଶ୍ୱର ଆସିଥିଲେ । ସେମାନେ ନୂଆପଲ୍ଲୀରେ ଥିବା ଏକ ହସ୍ପିଟାଲରେ ଆଖି ପରୀକ୍ଷା କରାଇଥିଲେ । ଡାକ୍ତରଙ୍କ ରିପୋର୍ଟ ଭ୍ୟାନିଟ୍‌ରୁ କାଢ଼ିବା ପରେ ସେଥିରେ ଘରର ସୁନା ଅଳଙ୍କାର ଥିବା ଦେଖିଥିଲେ । ଆଖି ଦେଖାଇବା ପରେ ସିଆର୍‌ପି ଛକରୁ ମୋ ବସ୍‌ରେ ଚଢି ଖଣ୍ଡଗିରିରେ ଓହ୍ଲାଇଥିଲେ । ପରେ ସେଠାରୁ ଆଉ ଏକ 'ମୋ ବସ୍' ଯୋଗେ ଆଇଟିଆର କଲେଜ ରୋଡରେ ଯାଇଥିଲେ । ସେଠାରେ ଭ୍ୟାନିଟି ଖୋଲିବା ପରେ ସେଥିରେ ଥିବା ସୁନା ଅଳଙ୍କାର ନ ପାଇ ପୁଲିସକୁ ଅବଗତ କରିଥିଲେ ।

## ୫ ଲୁଟେରା ଓ ଜଣେ ନିଶା ବେପାରୀ ଗିରଫ

**ଭୁବନେଶ୍ୱର, ୨୬ ।୨(ସମିସ):** ରାଜଧାନୀରେ ଲୁଟ୍‌ପାଟ୍ କରୁଥିବା ଲୁଟେରା ଓ ନିଶା ମାଫିଆଙ୍କ ବିରୋଧରେ ଧରପଗଡ଼ କରାଯାଉଛି । ଏହି ମର୍ମରେ ୫ ଲୁଟେରା ଓ ଜଣେ ନିଶା ବେପାରୀଙ୍କୁ ଗିରଫ କରିଛି କମିସନରେଟ ପୁଲିସ । ଘରୋଇ ହସ୍ପିଟାଲକୁ ଚିକିତ୍ସା ନିମନ୍ତେ ଯାଉଥିବାବେଳେ ରୋଗୀଙ୍କ ଠାରୁ ଲୁଟ୍ କରୁଥିବା ୨ ଲୁଟେରାଙ୍କୁ ଗିରଫ କରିଛି ଭରତପୁର ଥାନା ପୁଲିସ । ସେମାନେ ହେଲେ ମଧୁସୁଦନ ଜେନା ଓ ସୌମ୍ୟଜିତ ବେହେରା । ସେହିପରି ନୂଆପଲ୍ଲୀ ଥାନା ଅଞ୍ଚଳରୁ ଲୁଟ୍ କରୁଥିବା ୨ ଲୁଟେରାଙ୍କୁ ପୁଲିସ ଗିରଫ କରିଛି । ଗିରଫ ଦ୍ୱୟ ସୁରଜ ଦିଗାଲ ଓ ପ୍ରମୋଦ ପାତ୍ର । ସ୍କୁଟି ଚୋରି କରିଥିବା ଲୁଟେରାକୁ ମଧ୍ୟ ଗିରଫ କରିଛି କ୍ୟାପିଟାଲ ଥାନା ପୁଲିସ । ଗିରଫ ଲୁଟେରା ସହିଦନଗର କାହ୍ନୁଚରଣ ପରିଡ଼ା । ସେପଟେ ଗଞ୍ଜେଇ କାରବାର କରୁଥିବା ନିଶା ବେପାରୀକୁ ଗିରଫ କରିଛି ମୈତ୍ରୀବିହାର ଥାନା ପୁଲିସ । ଗିରଫ ବେପାରୀ ନୟାଗଡ଼ର ମନୋଜ କୁମାର ସାହୁ ।

■ ୪ ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି ରାଷ୍ଟ୍ରପତି

# କମିଶନରେଟ୍ ପୁଲିସର କଡ଼ା ସୁରକ୍ଷା

**ଭୁବନେଶ୍ୱର, ୨୬ ।୨(ସମିସ):** ଫେବୃୟାରୀ ୨୮ରେ ୪ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ରାଷ୍ଟ୍ରପତିଙ୍କ ସୁରକ୍ଷା ପାଇଁ କମିସନରେଟ ପୁଲିସ ପକ୍ଷରୁ ହୋଇଛି କଡ଼ା ସୁରକ୍ଷା ବ୍ୟବସ୍ଥା । ଏଥିପାଇଁ କଟକ-ଭୁବନେଶ୍ୱରରେ ୫୦ପ୍ଲାଟୁନ ପୁଲିସ

■ ଟ୍ୱିନ୍‌ସିଟିରେ ମୁତୟନ ହେବେ ୫୦ ପ୍ଲାଟୁନ୍ ପୁଲିସ ଫୋର୍ସ

■ ସୁରକ୍ଷା ଦାୟିତ୍ୱରେ ରହିବେ ୮୫ ଅଫିସର୍, ୧୬୦ ଟ୍ରାଫିକ ପୁଲିସ

ଫୋର୍ସ ମୁତୟନ ହେବେ ବୋଲି ପୁଲିସ କମିଶନର ସଞ୍ଜୀବ ପଣ୍ଡା ସୂଚନା ଦେଇଛନ୍ତି । ୨୯ତାରିଖରେ ଭୁବନେଶ୍ୱର ଉତ୍କଳ ୟୁନିଭରସିଟିରେ କାର୍ଯ୍ୟକ୍ରମ ରହିଛି । ଏଥିପାଇଁ ୩୦ ପ୍ଲାଟୁନ ପୁଲିସ ଫୋର୍ସ, ମୁତୟନ ହେବେ । ଜଣେ ଡିସିପିଙ୍କ ସହ ୧୦ଜଣ ଅତିରିକ୍ତ ଡିସିପି, ୨୦ ଜଣ ଏସିପି, ୩୮ ଜଣ ଏନ୍ସପେକ୍ଟର, ୧୬୦ଜଣ ଏସ୍‌ଆଇ /ଏଏସ୍‌ଆଇ । ୨ ୟୁନିଟ ଏସ୍‌ଟିୟୁ ମୁତୟନ ହେବେ । ସେହିପରି କଟକରେ ୧ ତାରିଖରେ ରାଷ୍ଟ୍ରପତିଙ୍କ କାର୍ଯ୍ୟକ୍ରମ ରହିଛି । ସେଥିପାଇଁ ମୁତୟନ ହେବେ ୨୦ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ ହେବେ । କଟକ ଡିସିପିଙ୍କ ନେତୃତ୍ୱରେ ୪ ଜଣ ଅତିରିକ୍ତ ଡିସିପି, ୧୦ଜଣ ଏସିପି, ୨୯ ଜଣ ଇନ୍ସପେକ୍ଟର ସୁରକ୍ଷା ଦାୟିତ୍ୱରେ ରହିବେ । ରାଷ୍ଟ୍ରପତିଙ୍କ ସୁରକ୍ଷା ବ୍ଲୁ-ବୁକ୍ ଅନୁସାରେ ଗ୍ରହଣ କରାଯାଇଛି । ୨୯ ତାରିଖ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବେ, ପରେ ରାଜଭବନକୁ ଆସି ଉତ୍କଳ ବିଶ୍ୱବିଦ୍ୟାଳୟ ଯିବେ । ରାତିରେ ରାଜଭବନରେ ରହିବେ । ୧ ତାରିଖରେ ବ୍ରହ୍ମପୁର ଯିବେ । ସେଠୁ ଭୁବନେଶ୍ୱର ଆସି ବାଇ ରୋଡ଼ କଟକ ଯିବାର କାର୍ଯ୍ୟକ୍ରମ ରହିଛି । ରାଷ୍ଟ୍ରପତି ରାସ୍ତାରେ ଯିବା ଆସିବା ବେଳେ ଟ୍ରାଫିକ ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯିବ ବୋଲି ପୁଲିସ କମିଶନର ସୂଚନା ଦେଇଛନ୍ତି । ଆହୁରି ମଧ୍ୟ ରାଜଧାନୀରେ ସୁରକ୍ଷା ଦାୟିତ୍ୱରେ ରହିବେ ୮୫ ଜଣ ଅଫିସର । ୩ଟି କୁଇକ୍ ରେସ୍ପନ୍ସ ଟିମ୍, ୨ଟି ସ୍ପେଶାଲ ଟାକ୍ଟିକାଲ ୟୁନିଟକୁ ସୁରକ୍ଷା ଦାୟିତ୍ୱରେ ନିଯୁକ୍ତ କରାଯାଇଛି । ୧୨ ଅତିରିକ୍ତ ଡିସିପି, ୨୫ ଏସ୍ପି, ୪୦ ଇନସ୍ପେକ୍ଟରଙ୍କ ସହ ୧୬୦ ଟ୍ରାଫିକ ଓ ୧୫୦ ହୋମଗାର୍ଡଙ୍କୁ ନିଯୁକ୍ତ କରାଯାଇଛି । ପ୍ରୋଟକଲ ଅନୁସାରେ ସଭାସ୍ଥଳରେ ନିମନ୍ତ୍ରିତ ଅତିଥିଙ୍କ ତଥ୍ୟ ରହିବ । ଏନେଇ ସୂଚନା ଦେଇଛନ୍ତି ଭୁବନେଶ୍ୱର ଡିସିପି ପ୍ରତୀକ ସିଂ । ଫେବୃୟାରି ୨୮ ରୁ ୨ ତାରିଖ ଯାଏ ଓଡ଼ିଶାରେ ରହିବେ ମହାମହିମ । ଭୁବନେଶ୍ୱର ସମେତ ମୟୂରଭଞ୍ଜ, କେନ୍ଦୁଝର, ବ୍ରହ୍ମପୁର, କଟକ ଓ ସମ୍ବଲପୁର ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି ।

# ଯୌତୁକ ଲାଗି ସ୍ତ୍ରୀକୁ ହତ୍ୟା; ସ୍ୱାମୀ ଗିରଫ

**ଭୁବନେଶ୍ୱର, ୨୬ ।୨(ସମିସ):** ଯୌତୁକ ଲାଗି ପତ୍ନୀକୁ ହତ୍ୟା କରିବା ଅଭିଯୋଗରେ ଅଭିଯୁକ୍ତ ସ୍ୱାମୀକୁ ଗିରଫ କରିଛି ଶ୍ରୀଲିଙ୍ଗରାଜ ଥାନା ପୁଲିସ । ଗରଫ ଅଭିଯୁକ୍ତ ହେଲା ଶ୍ରୀରାମନଗରରେ ରହୁଥିବା କଟକ ନିଆଳିର ଚନ୍ଦନ କୁମାର ସେଠୀ(୨୫) । ସେହିପରି ଝିଲ୍ଲୀ ଆଣିଥିବା ଯୌତୁକ ବିବାଦ ଆଣିଥିବା ସୁନାଗହଣା ଓ ଅନ୍ୟ ଆସବାବପତ୍ରକୁ ଜବତ କରାଯାଇଛି । ପୁଲିସର କହିବା କଥା, ୨୦୨୧ ମାର୍ଚ୍ଚ ୩ ତାରିଖରେ ଏୟାରଫିଲ୍ଡ ଥାନା ଅଞ୍ଚଳର ମହେନ୍ଦ୍ର ସେଠୀଙ୍କ ଝିଅ ଝିଲ୍ଲୀକୁ ଚନ୍ଦନ ବିବାହ କରିଥିଲେ । ବୈଦିକ ରୀତିନୀତି ଅନୁଯାୟୀ ବିବାହ ହୋଇଥିବାରୁ ଯୌତୁକ ବାବଦରେ ଝିଅକୁ ସୁନା ଓ ଗହଣା ଦେଇଥିଲେ । ମାତ୍ର ବିବାହର ୩ ବର୍ଷ ପରେ ଚନ୍ଦନ ଓ ତାଙ୍କର ପରିବାର ସଦସ୍ୟ କାର୍, ଆହୁରି ସୁନାଗହଣା ଏବଂ ଟଙ୍କା ଦାବି କରିଥିଲେ । ଝିଅର ବାପା ମହେନ୍ଦ୍ରଙ୍କ ପକ୍ଷେ ଦାବି ମୁତାବକ ଯୌତୁକ ଦେବାକୁ ସମ୍ବଳ ନ ଥିଲା । ତେଣୁ ଝିଲ୍ଲୀକୁ ଶାଶୂଘର ଘରେ ଲୋକେ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ । କିନ୍ତୁ ଗତ ୨୪ ତାରିଖରେ କୌଣସି କାରଣକୁ ନେଇ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା । ଝିଅଙ୍କ ଠାରୁ ଖବର ପାଇବା ପରେ ବାପା ମହେନ୍ଦ୍ର ସେଠାକୁ ଯାଇଥିଲେ ଏବଂ ବୁଝାମଣା କରି ଫେରିଥିଲେ । ଏହାର କିଛି ସମୟରେ ପରେ ଝିଲ୍ଲୀର ମୃତ୍ୟୁ ଖବର ପାଇଥିଲେ ମହେନ୍ଦ୍ର । ଏନେଇ ଝିଲ୍ଲୀକୁ ହତ୍ୟା କରାଯାଇଥିବା ନେଇ ମହେନ୍ଦ୍ର ଶ୍ରୀଲିଙ୍ଗରାଜ ଥାନାରେ ଅଭିଯୋଗ କରିଥିଲେ । ପୁଲିସ ଏକ ମାମଲା ରୁଜୁ କରିବା ସହ ମୃତଦେହକୁ ଜବତ କରିଥିଲା । ପରେ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଶବ ବ୍ୟବଚ୍ଛେଦ କରାଯାଇଛି । ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ଘଟଣା ଦିନ ଉଭୟ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ଲାଗିଥିଲା । ଘଟଣାଦିନ ସନ୍ଧ୍ୟାରେ ତାଙ୍କ ସ୍ତ୍ରୀଶାଢ଼ିରେ ଝୁଲୁଥିବାର ଦେଖିଥିଲେ । ସେ ତାଙ୍କୁ ପ୍ରଥମେ ବିଏମ୍‌ସି ହସ୍ପିଟାଲକୁ ନେଇଯାଇଥିଲେ । ସେଠାରେ ପ୍ରାଥମିକ ପରୀକ୍ଷଣରେ ଉନ୍ନତ ଚିକିତ୍ସା ପାଇଁ ଡାକ୍ତର ତାଙ୍କୁ କ୍ୟାପିଟାଲ୍ ହସ୍ପିଟାଲକୁ ନେବାପାଇଁ ପରାମର୍ଶ ଦେଇଥିଲେ । ସେଠାରେ ଡାକ୍ତର ମୃତଘୋଷଣା କରିଥିଲେ । ତେବେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ପଦାକୁ ଆସିବ ବୋଲି ଜୋନ୍ ଏସିପି କୃଷ୍ଣଚନ୍ଦ୍ର ପଲେଇ ସୂଚନା ଦେଇଛନ୍ତି ।

## ବିଏମ୍‌ସି ଅଫିସ ଘେରିଲେ ସଫେଇ କର୍ମଚାରୀ

**ଭୁବନେଶ୍ୱର, ୨୬ ।୨(ସମିସ):** ସିଆଇଟିୟୁବ୍ୟାନରରେ ଶତାଧିକ ସଫେଇ କର୍ମଚାରୀ ବିଏମ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ବିଏମ୍‌ସି କାର୍ଯ୍ୟାଳୟର ପ୍ରବେଶ ପଥକୁ ସମ୍ପୂର୍ଣ୍ଣ ଅବରୋଧ କରାଯାଇଥିଲା । ବିଏମ୍‌ସି ଅଧୀନରେ ପ୍ରାୟ ୨୫୦୦ ଓ ଠିକାଦାରଙ୍କ ମାଧ୍ୟମରେ ପ୍ରାୟ ୪ହଜାରରୁ ଅଧିକ ପୁରୁଷ ଓ ମହିଳା ସଫେଇ କର୍ମଚାରୀ ନିଯୁକ୍ତି ପାଇଛନ୍ତି । ହେଲେ ସେମାନଙ୍କୁ ଏପର୍ଯ୍ୟନ୍ତ ସ୍ଥାୟୀ ନିଯୁକ୍ତି ଦିଆଯାଇ ନାହିଁ । ସେହିପରି ସର୍ବନିମ୍ନ ମଜୁରୀ ପ୍ରଦାନ, ମହିଳାମାନଙ୍କୁ ପ୍ରସୂତିକାଳୀନ ଛୁଟି, ସମାନ କାମ ପାଇଁ ସମାନ ମଜୁରୀ ଦେବା ପ୍ରମୁଖ ଦାବି ଉପସ୍ଥାପନା କରାଯାଇଥିଲା । ଏହାପରେ ବିଏମ୍‌ସି ମେୟର ଓ କମିସନରଙ୍କ ସହ ଆଲୋଚନା ହୋଇଥିଲା । ସଂଗଠନର ସଭାପତି ବିଷ୍ଣୁ ଚରଣ ମହାନ୍ତି ନେତୃତ୍ୱରେ ଏକପ୍ରତିନିଧି ଦଳ ୧୧ ଦଫା ସମ୍ବଳିତ ଦାବିପତ୍ର କମିସନରଙ୍କୁ ପ୍ରଦାନ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ସିଆଇଟିୟୁ ଉପସଭାପତି ସତ୍ୟାନନ୍ଦ ବେହେରା, ସୁରେଶ ରାଉରାୟ, ସମ୍ପାଦକ ପ୍ରଦୀପ୍ତ ନାୟକ, ସଂଗଠନର ସାଧାରଣ ସମ୍ପାଦକ ଗୁରୁବାରୀ ନାୟକ, ଉପସଭାପତି ବଳରାମ ନାୟକ, ପ୍ରଭାତ ପାଣିଗ୍ରାହୀ, ବିଶ୍ୱନାଥ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ଭରସା ହରାଉଛି ମାଟ୍ରିମୋନି ସାଇଟ୍

# ଜୀବନ ସାଥୀ ଖୋଜି ଫସୁଛନ୍ତି ଯୁବଗୋଷ୍ଠୀ

**ଭୁବନେଶ୍ୱର, ୨୬ ।୨(ସମିସ):**

ବାପା ଓ ମା'ଙ୍କ ବଡ଼ ଚିନ୍ତା ନିଜ ପିଲା ଲାଗି ଉପଯୁକ୍ତ ବରପାତ୍ର କିମ୍ବା କନ୍ୟାପାତ୍ରୀ ଖୋଜିବା । ନିଜର ମନ ପସନ୍ଦର ସାଥୀ ଖୋଜିବା ଲାଗି ନୂଆ ପ୍ଲାଟ୍‌ଫର୍ମ ପାଲଟିଛି ମାଟ୍ରିମୋନି । ସେଥିରେ ଝିଅ କିମ୍ବା ପୁଅ ନିଜ ମନ ପସନ୍ଦର ଉପଯୁକ୍ତ ଜୀବନ ସାଥୀ ଖୋଜୁଛନ୍ତି । କିନ୍ତୁ ଏହି ମାଟ୍ରିମୋନି ସାଇଟ୍



### ଠକେଇ ଓ ପ୍ରତାରଣାର ଗଦାଗଦା ଅଭିଯୋଗ

ଏବେ ଠକଙ୍କ ଠକେଇର ନୂଆଧାରା ଭାବେ ଗଣନା କରିଗଲାଣି । ବିବାହ ଋତୁ ଚାଲିଥିବାରୁ ମାଟ୍ରିମୋନି ସାଇଟ୍ ଅଧିକ ପ୍ରାଧାନ୍ୟ ଦିଆଯାଉଛି । ବିଶେଷକରି ଉଚ୍ଚଶିକ୍ଷିତ ଓ ଯୁବପିଢ଼ି ମାଟ୍ରିମୋନି ସାଇଟ୍ ମନ ପସନ୍ଦର ଜୀବନ ସାଥୀ ଖୋଜି ବିବାହ କରିବା ଲାଗି ମନସ୍ଥ କରୁଛନ୍ତି । ବହୁଳ ମାତ୍ରରେ ମାଟ୍ରିମୋନି ସାଇଟ୍ ବ୍ୟବହାର ହେଉଥିବାରୁ ଠକ ଏହାକୁ ନିଜ ସ୍କାନରକୁ ଆଣିଛନ୍ତି । ମାଟ୍ରିମୋନି ସାଇଟ୍‌ରେ ପଞ୍ଜୀକରଣ କରିବା ପରେ ଫଟୋ ଓ ସମସ୍ତ ତଥ୍ୟ ଦେଉଛନ୍ତି । ଏଥିରେ କିଛି ମାନଦଣ୍ଡ ନ ଥିବାରୁ ଠକଙ୍କ ଲୋଲୁପଦୃଷ୍ଟି ଏବେ ମାଟ୍ରିମୋନି ସାଇଟ୍‌ରେ ପଡ଼ିଛି । ଦୀର୍ଘଦିନ ମାଟ୍ରିମୋନି ସାଇଟ୍‌ରେ ବାର୍ତ୍ତାଳପ ହେବା ପରେ ବିବାହ ଲାଗି ମନସ୍ଥ କରାଯାଉଛି । ସେଥିରେ ଫଟୋ ସହ ଗୁରୁତ୍ୱପୂର୍ଣ୍ଣ ସମସ୍ତ ତଥ୍ୟ ଦିଆଯାଉଛି । ମାତ୍ର କିଛି ବ୍ୟକ୍ତିବିଶେଷ ମାଟ୍ରିମୋନି ସାଇଟ୍‌ରେ ଠକେଇ କରିବାରେ ଲାଗି ପଡ଼ିଛନ୍ତି ।

ରାଜଧାନୀରେ ମାଟ୍ରିମୋନି ସାଇଟ୍‌ରେ ଠକେଇ ଘଟଣା ବଢ଼ିଛି । କେଉଁଠି ପ୍ରତାରଣାର ଅଭିଯୋଗ ତ ଆଉ କେଉଁଠି ଠକେଇ ଅଭିଯୋଗ ରହିଛି । ନକଲି ଫଟୋ, ଠିକଣା ଓ ଅଧିକ ଟଙ୍କା ରୋଜଗାର ଦର୍ଶାଇ ଇଚ୍ଛୁକ ପ୍ରାର୍ଥୀ ସହ କଥାବାର୍ତ୍ତା କରୁଛନ୍ତି । ଠକେଇ ଜାଲରେ ଫସାଇବା ପରେ ଗୋପନୀୟ ତଥ୍ୟ ନେଇ ଟଙ୍କା ଚଳୁ କରୁଛନ୍ତି । ଫଳରେ ମାଟ୍ରିମୋନି ସାଇଟ୍‌ରେ ଜୀବନ ସାଥୀ ଖୋଜି ବିବାହ କରିବା ଅଧାରେ ଅଟକି ଯାଉଛି । ସାଇବର୍ ଥାନା ଠାରୁ କ୍ରାଇମ୍‌ବ୍ରାଞ୍ଚରେ ଏସମ୍ପର୍କୀତ ମାମଲା ଗଦାଗଦା । ବିଭିନ୍ନ ମାଟ୍ରିମୋନି ସାଇଟ୍ ଖୋଲିବା ଉପରେ ମାର୍ଗଦର୍ଶିକା ନ ଥିବାରୁ ଠକ ଠକେଇ ଜାଲ ବିଛାଇ ସଫଳ ହେଉଥିବା ଅନେକ ଉଦାହରଣ ରହିଛି । ସେପଟେ ମାଟ୍ରିମୋନି ସାଇଟ୍‌ରେ ଜୀବନ ସାଥୀ ଖୋଜିବା ବେଳେ ପୁଲିସ ସତର୍କ କରିଛି । ସମ୍ପୃକ୍ତ ବ୍ୟକ୍ତିଙ୍କ ଅତୀତ ସମ୍ପର୍କରେ ସବିଶେଷ ତଥ୍ୟ ସଂଗ୍ରହ କରନ୍ତୁ । ନିଜର ବ୍ୟକ୍ତିଗତ ଗୋପନୀୟତାକୁ ସଙ୍ଗେ ସଙ୍ଗେ ପ୍ରକାଶ କରନ୍ତୁ ନାହିଁ । ସମ୍ପୃକ୍ତ ବ୍ୟକ୍ତିଙ୍କ କୌଣସି କଥାରେ ପ୍ରଲୋଭିତ ହୁଅନ୍ତୁ ନାହିଁ ବୋଲି ପୁଲିସ ପକ୍ଷରୁ କୁହାଯାଇଛି ।

### କେତେକ ଘଟଣାବଳୀ

- ମାଟ୍ରିମୋନି ସାଇଟ୍‌ରେ ନିଜକୁ ନୌବାହିନୀର ଅଧିକାରୀର ପରିଚୟ ଦେଇ ଯୁବତୀଙ୍କୁ ପ୍ରତାରଣା ସହ ଠକେଇ କରିଥିବା ଯୁବକ ସୌମ୍ୟରଞ୍ଜନ ମିଶ୍ରକୁ ଗିରଫ କରାଯାଇଥିଲା । ଯୁବତୀଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ ଭାଇରାଲ କରିବାର ଧମକ ଦେଇ ଫସିଥିଲା ସୌମ୍ୟରଞ୍ଜନ ।
- ମାଟ୍ରିମୋନି ସାଇଟ୍‌ରେ ସ୍ତ୍ରୀ ନାମରେ ମିଛ ଆକାଉଣ୍ଟ ଖୋଲି ଠକେଇ କରୁଥିବା ଅଭିଯୁକ୍ତ ନୃସିଂହ ବିଶ୍ୱାଳ । ଅନ୍‌ଲାଇନରୁ ସୁନ୍ଦରୀ ଯୁବତୀଙ୍କ ଫଟୋ ଆଣି ନିଜ ଆକାଉଣ୍ଟରେ ପୋଷ୍ଟ କରି ଜାଲ ବୁଣିଥିଲା । ଭୁବନେଶ୍ୱରରେ ରହୁଥିବା ଯୁବ ଇଞ୍ଜିନିୟର ମାନସ ରଞ୍ଜନ ପଣ୍ଡା ନିଜ ପାଇଁ କନିଆଁ ଖୋଜୁଥିବା ବେଳେ ୩ ଲକ୍ଷ ଠଙ୍କା ଠକେଇର ଶିକାର ହୋଇଥିଲେ ।
- ନିଜ ଇଞ୍ଜିନିୟର ଓ ଡାକ୍ତର ପରିଚୟ ଦେଇ ମାଟ୍ରିମୋନି ସାଇଟ୍‌କୁ ମିଛ ପ୍ରଲୋଭନ ଦେଖାଇ ଠକେଇ କରୁଥିବା ସମୀରକୁ ଗିରଫ କରାଯାଇଥିଲା । ସେ ମାଟ୍ରିମୋନି ସାଇଟ୍‌ରେ ୪ରୁ୫ଜଣଙ୍କୁ ଠକେଇ କରିଥିଲା ।
- ମାଟ୍ରିମୋନି ସାଇଟ୍‌ରେ ଝିଅ ଖୋଜୁଖୋଜୁ ବିଦେଶିନୀ ହାବୁଡ଼ରେ ପଡ଼ିଥିଲେ ଆଇଟି ପ୍ରଫେସନାଲ ରାମଚନ୍ଦ୍ର ମହାପାତ୍ର । ବାଲେଶ୍ୱର ହୋଇଥିବା ମାୟାବିନୀ ସୁନ୍ଦରୀ କାଲିଫର୍ଣ୍ଣିଆର ଏମ୍‌ବିବିଏସ୍ ଡାକ୍ତର ଥିବା ପ୍ରିୟା ଗୁପ୍ତା ପରିଚୟ ଦେଇ ୨୪ ଲକ୍ଷ ଟଙ୍କା ଲୁଟି ନେଇଥିଲା ।
- ମାଟ୍ରିମୋନିରେ ନିଜ ମନ ପସନ୍ଦର ଝିଅ ଖୋଜି ଫସିଥିଲେ ବିଟେକ୍ ଛାତ୍ର କିଶନ କୁମାର ବେହେରା । ଦିଲ୍ଲୀ ବିମାନ ବନ୍ଦରରେ ଫସି ଯାଇଥିବା କହି କିଶନଙ୍କ ଠାରୁ ୩ଲକ୍ଷ ୬୦ହଜାର ଟଙ୍କା ଲୁଟି ନେଇଥିଲା ସାଇବର୍ ଠକ ।
- ବର ଖୋଜି ଠକେଇ ଶିକାର ହୋଇଥିଲେ ସୁଭଦ୍ରା ପରିଦର୍ଶନୀ । ସଫ୍ଟୱେର ଇଞ୍ଜିନିୟର ଥିବା ବିକାଶ ରାଉତରାୟର ପରିଚୟ ଦେଇ ୧ ଲକ୍ଷ ୫୨ହଜାର ଟଙ୍କା ଠକି ନେଇଯାଇଥିଲା ।
- ମାଟ୍ରିମୋନି ସାଇଟ୍‌ରେ ପ୍ରଥମେ ବନ୍ଧୁତା ପରେ ପ୍ରେମ । ଯୁବତୀଙ୍କ ଶାରୀରିକ ସମ୍ପର୍କ ରଖିବା ପରେ ପ୍ରତାରଣା ଓ ଠକେଇ କରିଥିଲେ । ଏହି ମାମଲାରେ ବିଶ୍ୱଜିତ ସାମନ୍ତରାୟଙ୍କୁ ଗିରଫ କରିଥିଲା ପୁଲିସ ।
- ପଲ୍ଲୀଠୁ ଦିଲ୍ଲୀ ଯାଏଁ ଚର୍ଚ୍ଚାରେ ରହିଥିବା ୧୮ ପତ୍ନୀଙ୍କ ସ୍ୱାମୀ ନକଲି ଡାକ୍ତର ରମେଶ ମାଟ୍ରିମୋନିରେ ସାଇଟ୍‌ରେ ଜାଲ ବିଛାଇ କୋଟି କୋଟି ଟଙ୍କା ଠକେଇ କରିଥିଲା ।

# ଭୁବନେଶ୍ୱର ସିଟି



# ପଟିଆ ଷ୍ଟେସନ୍-ଗାଡ଼କଣ ରାସ୍ତା ପାଇଁ ଜନଶୁଣାଣି

**ଭୁବନେଶ୍ୱର, ୨୬ ।୨(ସମିସ):** ପଟିଆ ରେଳ ଷ୍ଟେସନ ଓ ଗୁରୁ କେଳୁଚରଣ ମହାପାତ୍ର ପାର୍କ, ଗାଡ଼କଣକୁ ସଂଯୋଗ କରୁଥିବା ସିଡିପି ରାସ୍ତା ନିର୍ମାଣ ପାଇଁ ସୋମବାର ପଟିଆସ୍ଥିତ କନକଦୁର୍ଗା ମନ୍ଦିରରେ ଜନଶୁଣାଣି କରାଯାଇଥିଲା। ଭୁବନେଶ୍ୱର ଉପଜିଲ୍ଲାପାଳ ଚିନ୍ମୟ କୁମାର ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଏହି ଜନଶୁଣାଣି ହୋଇଥିଲା। ବୈଠକରେ ବିଡିଏ ସଚିବ କବିନ୍ଦ୍ର କୁମାର ସାହୁ, ବିଡିଏର ଜମି ଅଧିଗ୍ରହଣ ଅଧିକାରୀ ପ୍ରତୀକ ପଟ୍ଟନାୟକ, ଖୋର୍ଦ୍ଧା ଜମି ଅଧିଗ୍ରହଣ ଅଧିକାରୀ କୃଷ୍ଣ କୁମାର ଜେନା, ୩ ଓ ୯ ନମ୍ବର ୱାର୍ଡର ସ୍ଥାନୀୟ କର୍ପୋରେଟରମାନେ ଉପସ୍ଥିତ ଥିଲେ। ନିୟମ ଅନୁଯାୟୀ ବାଧ୍ୟତାମୂଳକ ଜନଶୁଣାଣିରେ ପ୍ରକଳ୍ପର ଡ୍ରାଫ୍ଟ ସାମାଜିକ ପ୍ରଭାବ ଆକଳନ ରିପୋର୍ଟ ସମ୍ବନ୍ଧୀୟ ଆପତ୍ତିର ସମାଧାନ କରାଯାଇଥିଲା। ଏହି ପ୍ରୟାସକୁ ସ୍ଥାନୀୟ ଲୋକେ ସମର୍ଥନ ଜଣାଇଛନ୍ତି। ୧୫୦ ଫୁଟ୍ ପ୍ରସ୍ଥ ବିଶିଷ୍ଟ ଏହି ପ୍ରସ୍ତାବିତ ରାସ୍ତା ପଟିଆ ରେଳ ଷ୍ଟେସନକୁ ଯୋଡ଼ିବ। ପଟିଆ, ଗାଡ଼କଣ ଓ ଚନ୍ଦ୍ରଶେଖରପୁରର ତିନୋଟି ମୌଜାରେ ୧୮.୪୫୩ ଏକର ଘରୋଇ ଜମି ଅଧିଗ୍ରହଣ କାର୍ଯ୍ୟ ୩ମାସ ମଧ୍ୟରେ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ୨.୬୫ କିଲୋମିଟର ଦୀର୍ଘ ଏହି ରାସ୍ତା କେବଳ ସ୍ଥାନୀୟ ଗମନାଗମନକୁ ବଢ଼ାଇବ ନାହିଁ ବରଂ ପଟିଆ ଅଞ୍ଚଳର ଅର୍ଥନୈତିକ ଅଭିବୃଦ୍ଧିକୁ ମଧ୍ୟ ତ୍ୱରାନ୍ୱିତ କରିବ ବୋଲି ଅଧିକାରୀମାନେ ଗୁରୁତ୍ୱାରୋପ କରିଛନ୍ତି। କ୍ଷତିଗ୍ରସ୍ତ ବ୍ୟକ୍ତିଙ୍କୁ ଆଇନ ଅନୁଯାୟୀ କ୍ଷତିପୂରଣ ପ୍ରଦାନ କରାଯିବ। ୧୯୮୩ମସିହାରେ ବିଡିଏ ପ୍ରତିଷ୍ଠା ହେବା ପରେ ପ୍ରଥମଥର ପାଇଁ ବିଡିଏ ଏକ ସଡ଼କ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ କରିଛି। ନିରନ୍ତର ନଗର ଉନ୍ନୟନକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିଶ୍ରୁତିବଦ୍ଧତା ପ୍ରଦର୍ଶନ କରି ବିଡିଏ ଅଭିନବ, ଲୋକାଭିମୁଖୀ ରଣନୀତି ମାଧ୍ୟମରେ ଯୋଜନାବଦ୍ଧ ଅଭିବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛି।

## ପ୍ଲାଷ୍ଟିକ୍ ଶିଶି ନ ଥିବାରୁ ମିଳୁନି ଔଷଧ

# ୭ ଦିନରେ ଫେରିଲେଣି ହଜାରେ ରୋଗୀ



**ଭୁବନେଶ୍ୱର, ୨୬ ।୨(ସମିସ):** ଖାରବେଳ ନଗରସ୍ଥିତ ଡାକ୍ତର ଅଭିନ ଚନ୍ଦ୍ର ହୋମିଓପାଥି କଲେଜ ଓ ହସ୍ପିଟାଲରେ ଔଷଧ ପାଇଁ ରୋଗୀ ହନ୍ତସନ୍ତ ଘଟଣାକୁ ୭ଦିନ ବିତି ଗଲାଣି। ଏହାମଧ୍ୟରେ ପ୍ରାୟ ୧୦୦୦ ରୋଗୀ ମାଗଣା ଔଷଧ ନ ପାଇ ଫେରି ଯାଇଛନ୍ତି। ଜଣେ ରୋଗୀଙ୍କ ସମ୍ପର୍କୀୟ କହିଛନ୍ତି, ମାଗଣା ଔଷଧ ନ ଦେବା ଓ ହସ୍ପିଟାଲ ବାହାରେ ଦୋକାନୀଙ୍କୁ ଫାଇଦା ପହଞ୍ଚାଇବା ପାଇଁ ଏହା ଏକ ସୁଚିନ୍ତିତ ବ୍ୟବସ୍ଥା ବୋଲି ଅଭିଯୋଗ ହୋଇଛି।ବଡ଼କଥା ହେଉଛି ମାତ୍ର ୨ ହଜାର ଟଙ୍କା ଖର୍ଚ୍ଚ କରିଥିଲେ ଶିଶି ଅଭାବଜନିତ ସମସ୍ୟାକୁ ସମାଧାନ କରାଯାଇପାରିଥାନ୍ତା ବୋଲି ହସ୍ପିଟାଲ୍‌ର ଜଣେ ବରିଷ୍ଠ ଚିକିତ୍ସା ନିଜ ନାମ ପ୍ରକାଶ ନ କରିବା ସର୍ତ୍ତରେ ଅଧିକାରୀ କହିଛନ୍ତି। ସୂଚନାଯୋଗ୍ୟ, ହୋମିଓପାଥି ହସ୍ପିଟାଲରେ ଦୈନିକ ପ୍ରାୟ ୨୦୦ରୋଗୀ ଚିକିତ୍ସା ପାଇଁ ପଞ୍ଜୀକରଣ କରନ୍ତି। ହେଲେ ହସ୍ପିଟାଲରେ ହୋମିଓପାଥି ଔଷଧକୁ ଭରାଯାଉଥିବା ୧୫ଏମ୍ଏଲ୍ ଓ ୩୦ଏମ୍ଏଲ୍ ଖାଲି ପ୍ଲାଷ୍ଟିକ ଶିଶି ସରିଯିବାରୁ ୧୨ପ୍ରକାରର ଔଷଧ ଆଉ ଦିଆଯାଉ ନାହିଁ। ଏନେଇ ଗତ ୨୧ତାରିଖରେ ହସ୍ପିଟାଲରେ ସିନିଅର ମେଡିକାଲ ଅଫିସର ଅଧ୍ୟକ୍ଷଙ୍କୁ ପତ୍ର ମାଧ୍ୟମରେ ଅବଗତ କରାଇଲେ। ଜରୁରିକାଳୀନ ଭିତ୍ତିରେ ଶିଶି ଯୋଗାଇ ଦେବାକୁ ଅନୁରୋଧ କରାଗଲା। ଏହା ମଧ୍ୟରେ ୭ଦିନ ବିତିଯାଇଥିଲେ ମଧ୍ୟ ସମାଧାନ ହୋଇପାରୁ ନାହିଁ। ଅନ୍ୟପକ୍ଷରେ ଶିଶି ସରିଗଲେ ହେଁ, ହସ୍ପିଟାଲ ଅଧ୍ୟକ୍ଷ କିଛି କହି ପାରିବେନି ବୋଲି କହିଛନ୍ତି। କିଏ ଏହି ସମସ୍ୟାର ସମାଧାନ କରିବ, କେବେ ଓ କେମିତି ସମାଧାନ ହେବ ସେ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

**ମାତ୍ର ୨ ହଜାର ଟଙ୍କାରେ ହୋଇ ପାରିଥାନ୍ତା ସମାଧାନ**

# ଅଙ୍ଗଦାନ ପାଇଁ ଶତାଧିକ ଘୋଷଣାନାମା

**ଭୁବନେଶ୍ୱର, ୨୬।୨(ସମିସ):** ମୃତ୍ୟୁପରେ ଶରୀରଦାନ କରିବାକୁ ଇଚ୍ଛାପ୍ରକାଶ କରିଥିବା ଶତାଧିକ ବ୍ୟକ୍ତିଙ୍କ ଘୋଷଣା ପତ୍ର ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜର ଆନାଟୋମି ବିଭାଗକୁ ଓଡ଼ିଶା ଜୀବନଦାନ ଅଭିଯାନ ପକ୍ଷରୁ ପ୍ରଦାନ କରାଯାଇଛି। ଘୋଷଣାପତ୍ର ଦାଖଲ କରିଥିବା ବିଶିଷ୍ଟ ବ୍ୟକ୍ତିମାନଙ୍କ ମଧ୍ୟରେ ପରିବେଶବିତ୍ ସୁକାନ୍ତ ଚନ୍ଦ୍ର ଚୌଧୁରୀ, ନାରୀନେତ୍ରୀ ଉଷାରାଣୀ ବେହେରା, ସଂଯୁକ୍ତା ସେଠୀ, ଲିଲିବାଳା ପରିଡ଼ା, କମ୍ୟୁନିଷ୍ଟ ନେତା ନିତ୍ୟାନନ୍ଦ ପରିଡ଼ା, ସୁରେଶ ଚନ୍ଦ୍ର ସ୍ୱାଇଁ, ସାନନ୍ଦ କୁମାର ସେଠୀ, ପ୍ରସନ୍ନ କୁମାର ମହାପାତ୍ର, ଶିକ୍ଷକନେତା ପରମାନନ୍ଦ ସ୍ୱାଇଁ, ଗିରିଜା ଶଙ୍କର ମହାପାତ୍ର, ଛାତ୍ରନେତା କାହ୍ନୁଚରଣ ପରିଡ଼ା, ସଞ୍ଜୟ କୁମାର ଦେ, ମନୋରଞ୍ଜନ ବ୍ରହ୍ମା, ଜୟନ୍ତ କୁମାର ବେହେରା ପ୍ରମୁଖ ରହିଛନ୍ତି। ଓଡ଼ିଶା ଜୀବନଦାନ ଅଭିଯାନ ପକ୍ଷରୁ ସମ୍ପାଦକ ଦେବେନ୍ଦ୍ର ସୂତାରଙ୍କ ନେତୃତ୍ୱରେ ଡ. ହେମନ୍ତ ପରିଡ଼ା, କୁଞ୍ଜବିହାରୀ ପଣ୍ଡା, ଦୁର୍ଗାପ୍ରସାଦ ମିଶ୍ର, ଶ୍ୟାମ ସୁନ୍ଦର ମହାନ୍ତି, ଦେବାନନ୍ଦ ଦଳବେହେରା, ଭିକାରୀ ଚରଣ ଦାସ, ନରେନ୍ଦ୍ର କୁମାର ଦାସ, ଅଶୋକ କୁମାର ପ୍ରମୁଖ ଯାଇ ଆନାଟୋମି ବିଭାଗର ମୁଖ୍ୟ ଡାକ୍ତର ସତ୍ୟଶ୍ରୀ ରାୟଙ୍କୁ ଘୋଷଣାପତ୍ର ପ୍ରଦାନ କରିଥିଲେ। ଏହି ଉପଲକ୍ଷେ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜର ମୁଖ୍ୟ ଫାଟକ ନିକଟରେ ସଂଗଠନର କର୍ମକର୍ତ୍ତାମାନେ ପ୍ରଚାରପତ୍ର ବାଣ୍ଟି ମୃତ୍ୟୁପରେ ଶରୀର ଦାନର ଉପଯୋଗିତା ସମ୍ପର୍କରେ ସଚେତନ କରିଥିଲେ।

# ପଟିଆ ରେଳ ଓଭରବ୍ରିଜ୍‌ର ଶିଳାନ୍ୟାସ

**● ୨ବର୍ଷରେ ସରିବ, ବ୍ୟୟହେବ ୧୩୯ କୋଟି**




**ନନ୍ଦନକାନନ, ୨୬।୨(ସମିସ):** ପଟିଆ ଷ୍ଟେସନ ଓ କଳାରାହାଙ୍ଗ ଲେଭେଲ୍ କ୍ରସିଂ ଠାରେ ରେଳ ଓଭର୍‌ବ୍ରିଜ୍ ପାଇଁ ଆଭାସୀ ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶିଳାନ୍ୟାସ କରିଛନ୍ତି। ଏହି ଅବସରରେ ସ୍ଥାନୀୟ ବିଧାୟକ ସୁଶାନ୍ତ କୁମାର ରାଉତ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ୧୮୩ନମ୍ବର କଳାରାହାଙ୍ଗ ଲେବଲ କ୍ରସିଂ ଓଭର୍‌ବ୍ରିଜ ପାଇଁ ୭୦କୋଟି ୫୦ଲକ୍ଷ ଖର୍ଚ୍ଚ ହେବାକୁ ଥିବାବେଳେ ସେଥିରୁ ରାଜ୍ୟ ସରକାର ପ୍ରାୟ ୩୮ କୋଟି ଖର୍ଚ୍ଚ କରିବକୁ ଯୋଜନା ହୋଇଛି। ସେମିତି ପଟିଆ ଷ୍ଟେସନ ଲେବଲ କ୍ରସିଂ ଓଭର୍‌ବ୍ରିଜ୍ ପାଇଁ ୬୮କୋଟି ୫୦ଲକ୍ଷ ଟଙ୍କା ବ୍ୟୟ ବରାଦ ରଖାଯାଇଛି। ଏଥିରେ ରାଜ୍ୟ ସରକାର ପ୍ରାୟ ୩୨କୋଟି ଟଙ୍କା ଖର୍ଚ୍ଚ କରିବେ। ଯାହାକି ଉଭୟ ଓଭରବ୍ରିଜର ନିର୍ମାଣ ନିମନ୍ତେ ହୋଇଥିବା ବ୍ୟୟ ବରାଦର ପ୍ରାୟ ଶତକଡ଼ା ୬୫ଭାଗ ଖର୍ଚ୍ଚ ରାଜ୍ୟ ସରକାର କରିବେ। ଏହିଅବସରରେ ପଟିଆ ଷ୍ଟେସନ ନିକଟରେ ଆୟୋଜିତ ସଭାରେ ସାଂସଦ ଅପରାଜିତା ଷଡ଼ଙ୍ଗୀ, କର୍ପୋରେଟର ମୋନାଲିସା ବେହେରା, ମିହିର ରାଉତ, ଲକ୍ଷ୍ମୀପ୍ରିୟା ପରିଡ଼ା, ସରପଞ୍ଚ ହେମନ୍ତ ପରିଡ଼ା, ବରିଷ୍ଠ ରେଳ ଅଧିକାରୀ ଯୋଗଦେଇଥିଲେ।

# ନିଗମାନନ୍ଦଙ୍କ ଭକ୍ତ ସମ୍ମିଳନୀ ଉଦ୍‌ଯାପିତ

**ଭୁବନେଶ୍ୱର, ୨୬।୨(ସମିସ):** ନୀଳାଚଳ ସାରସ୍ୱତ ସଂଘ, ପୁରୀଙ୍କ ତତ୍ତ୍ୱାବଧାନରେ ପ୍ରବାସୀ ଭକ୍ତଙ୍କ ଆନୁକୂଲ୍ୟରେ ପୁନେଠାରେ ଚାଲିଥିବା ଉତ୍କଳ ପ୍ରାଦେଶିକ ଭକ୍ତ ସମ୍ମିଳନୀ ଉଦ୍‌ଯାପିତ ହୋଇଯାଇଛି। ସମ୍ମିଳନୀର ପ୍ରଥମ ଦିନରେ ଆବାହକ କମିଟି ସଭାପତି ବିଧାୟକ ଅଶୋକ ପାୱାର, ସମ୍ପାଦକ ବିଶାଲ ସୋଲାଙ୍କି, ସଂଘର ସଭାପତି ସନ୍ତୋଷ କୁମାର ମହାନ୍ତି, ସଂଘର ସଭ୍ୟ ତଥା ଓଡ଼ିଶା ସରକାରଙ୍କର ଶିକ୍ଷା, ସମବାୟ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ। ଦ୍ୱିତୀୟ ଦିବସର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ୧୬୬ ଜଣ ଭକ୍ତ ରକ୍ତଦାନ କରିଥିଲେ। ତୃତୀୟ ଦିବସରେ ସନାତନ ଧର୍ମ ପ୍ରଚାରର ମହାଯଜ୍ଞ ସାଧାରଣ ସଭା ଓ ମହିଳା ଭକ୍ତମାନଙ୍କ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରାଯାଇଥିଲା। ସଂଘର ପରିଚାଳକ ଶରତ ଚନ୍ଦ୍ର ସିଂଦେଓ, ପ୍ରଜ୍ଞାନ ମିଶନର ଅଧ୍ୟକ୍ଷ ପ୍ରଜ୍ଞାନାନନ୍ଦ ମହାରାଜ, ସଂଘର ସଭାପତି ସନ୍ତୋଷ ମହାନ୍ତି, ଆସାମ ବଙ୍ଗୀୟ ସାରସ୍ୱତ ମଠର ପୁରୁଷୋତ୍ତମାନନ୍ଦ ସରସ୍ୱତୀ ମହାରାଜ, ବୈଦିକ ସଂସ୍କୃତିର ପ୍ରଚାର ଓ ପ୍ରସାରକ ଗୋବିନ୍ଦ ଦେବ ଜୀ ମହାରାଜ, ଗୀତା ପରିବାରର ଜାତୀୟ ପ୍ରବକ୍ତା ସଞ୍ଜୟ ମାଲପାଣି, ଅଭ୍ୟର୍ଥନା କମିଟିର ସମ୍ପାଦକ ବିଶାଳ ସୋଲାଙ୍କି(ଆଇଏଏସ୍), ଗୁରୁଦ୍ୱାରା ସଂଘର ସଭାପତି ଦଲଜିତ ସିଂହ ବେଦୀ ପ୍ରମୁଖ ଯୋଗଦେଇଥିଲେ।

# ଇପିଏଫ୍ ପେନ୍‌ସନର୍ସ ସଂଘର ଦ୍ୱିବାର୍ଷିକ ସାଧାରଣ ସଭା

**ଭୁବନେଶ୍ୱର, ୨୬।୨(ସମିସ):** ଅଲ୍ ଓଡ଼ିଶା ଇପିଏଫ୍ ପେନ୍‌ସନର୍ସ ଆସୋସିଏସନ୍ ଖୋର୍ଦ୍ଧା ଜିଲ୍ଲା କମିଟିର ତୃତୀୟ ଦ୍ୱିବାର୍ଷିକ ସାଧାରଣ ସଭା ସଭାପତି ପ୍ରଫୁଲ୍ଲ କୁମାର ଦାସଙ୍କ ସଭାପତିତ୍ୱରେ ବରମୁଣ୍ଡା କାଳୀମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ କମିଟିର ସଭାପତି ବିଜୟ କୁମାର ଜେନା ଓ ସର୍ବଭାରତୀୟ ଉପସଭାପତି ତଥା ସାଧାରଣ ସମ୍ପାଦକ ଭାଗ୍ୟଧର ବ୍ରହ୍ମା ଏହି ସଭାରେ ଅତିଥି ଭାବେ ଯୋଗ ଦେଇଥିଲେ। କେନ୍ଦ୍ର ସରକାର ଇପିଏଫ୍ ପେନ୍‌ସନଧାରୀଙ୍କ ପ୍ରତି ସର୍ବନିମ୍ନ ପେନ୍‌ସନ ୯ ହଜାର ଟଙ୍କା ସହ ମହଙ୍ଗା ଭତ୍ତା ପ୍ରଦାନ ନ କରିବା ପର୍ଯ୍ୟନ୍ତ ଏ ଲଢ଼େଇ ଚାଲୁରହିବ। ବର୍ଦ୍ଧିତ ପେନ୍‌ସନ ପ୍ରଦାନରେ ଇପିଏଫ କର୍ମକର୍ତ୍ତାଙ୍କ ଟାଳଟୁଳ ନିତିକୁ ଘୋର ନିନ୍ଦା କରିଥିଲେ। ଆସନ୍ତା ଦୁଇବର୍ଷ ପାଇଁ ସର୍ବସମ୍ମତିକ୍ରମେ କର୍ମକର୍ତ୍ତା ଓ ୧୪ ଜଣିଆ କାର୍ଯ୍ୟକାରୀ କମିଟି ସଭ୍ୟ ମନୋନୀତ କରାଗଲା। ପ୍ରଫୁଲ୍ଲ କୁମାର ଦାସ ସଭାପତି, ପ୍ରକାଶ ପଟ୍ଟନାୟକ ସମ୍ପାଦକ, ସଚ୍ଚିଦାନନ୍ଦ ସାମନ୍ତରାୟ ଓ ସରୋଜକାନ୍ତ ମଲ୍ଲିକ ଉପସଭାପତି, ବିଜୟ ପଟ୍ଟନାୟକ ଓ ନବକିଶୋର ରଣା ଯୁଗ୍ମସମ୍ପାଦକ ମିହିର ରାୟ ସଂଗଠକ ସମ୍ପାଦକ ଭାବେ ମନୋନୀତ ହେଲେ। ସଭାରେ ଉପଦେଷ୍ଟା ବିପିନ ପାଢ଼ୀ ଓ ନଟବର ଆଚାର୍ଯ୍ୟ ଉପସ୍ଥିତ ଥିଲେ। ଶେଷରେ ସଚ୍ଚିଦାନନ୍ଦ ସାମନ୍ତରାୟ ଧନ୍ୟବାଦ ଦେଇଥିଲେ।

# ଉନ୍ନୟନ କାର୍ଯ୍ୟର ଶୁଭାରମ୍ଭ କଲେ ବିଧାୟକ




**ବାଲିପାଟଣା, ୨୬।୨(ସମିସ):** ଜୟଦେବ ବିଧାୟକ ଡ. ଅରବିନ୍ଦ ଢାଲି ରାଜସସ୍ଥିତ ଉପ-ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ନୂତନ ଗୃହର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଅବସରରେ ସରପଞ୍ଚ ବାସନ୍ତୀ ନାୟକ, କାଳନ୍ଦୀ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ପରେ କୃଷ୍ଣପୁରଠାରେ ନିର୍ମିତ ହେବାକୁ ଥିବା ହାଇ ଲେଭେଲ୍ ବ୍ରିଜ୍‌ର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ସରପଞ୍ଚଙ୍କ ସହିତ ଠିକାଦାର ବିଜନ କୁମାର ପରିଡ଼ା, ବିଭାଗୀୟ ଯନ୍ତ୍ରୀ ତ୍ରିଲୋଚନ ନାୟକ ଓ ବସନ୍ତ ଦଳାଇ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବିଧାୟକ ନରଦା ଠାରେ ଇନ୍ଦଲୋକୁସିଆରି ପର୍ଯ୍ୟନ୍ତ ସମ୍ପ୍ରସାରିତ ହେବାକୁ ଥିବା ରାସ୍ତାର ପ୍ରଶସ୍ତୀକରଣ କାର୍ଯ୍ୟ, ବସନ୍ତମାଳ ଓରିଶଠାରେ ବିଧାୟକ ପାଣ୍ଠିରୁ ହେବାକୁ ଥିବା କୋଠଘର ନିର୍ମାଣ, ଅଠାନ୍ତରସ୍ଥିତ ଉନ୍ନୀତ ସ୍ୱାସ୍ଥ୍ୟକେନ୍ଦ୍ର ନୂତନ ଗୃହର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆଭାସୀ ଉଦଘାଟନୀ କାର୍ଯ୍ୟକ୍ରମରେ ଡ. ଢାଲି ଉପସ୍ଥିତ ରହିଥିଲେ।

# 'ଲକ୍ଷ୍ମୀ ବସ୍' ଷ୍ଟଲ୍‌ରେ କୁଇଜ୍ ପ୍ରତିଯୋଗିତା

**ଭୁବନେଶ୍ୱର, ୨୬।୨(ସମିସ):** ଖଣ୍ଡଗିରି କୁମ୍ଭମେଳାରେ ଲକ୍ଷ୍ମୀ ବସ୍ ସେବା ବିଷୟରେ ସାଧାରଣ ଜନତାଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଏକ ଷ୍ଟଲ୍ କରାଯାଇଛି। ଏହି ଷ୍ଟଲ୍‌ରେ ୧୦ ଦିନ ଧରି ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି। ଜଗନ୍ନାଥ ଏକ୍ସପ୍ରେସ୍ ଏବଂ ଲକ୍ଷ୍ମୀ ବସ୍ ବିଷୟରେ ଅନେକ ପ୍ରଶ୍ନ ପଚରା ଯାଇଥିବାବେଳେ ଏହାର ଉତ୍ତର ପ୍ରତିଯୋଗୀମାନେ ଦେଇଥିଲେ। ଏହି ଲକ୍ଷ୍ମୀ ବସ୍ ଓ ଜଗନ୍ନାଥ ଏକ୍ସପ୍ରେସ୍ ଯୋଜନାର ଲକ୍ଷ୍ୟ ଏବଂ ଏହା କିପରି ପରିବହନ କ୍ଷେତ୍ରରେ ଏକ ଉନ୍ନତ ମାଧ୍ୟମ ହୋଇ ଗ୍ରାମାଞ୍ଚଳର ବିକାଶ କ୍ଷେତ୍ରରେ ସମୃଦ୍ଧି ଆଣିଛି ସେ ବିଷୟରେ ଆସିଥିବା ଦର୍ଶକମାନଙ୍କୁ ଅବଗତ କରାଯାଇଥିଲା।




# ପୂର୍ବତନ କାଉନ୍‌ସିଲର୍ ଶ୍ୟାମସୁନ୍ଦର ଜେନାଙ୍କ ପରଲୋକ

**ଭୁବନେଶ୍ୱର, ୨୬।୨(ସମିସ):** ଭୁବନେଶ୍ୱର ପୌରପାଳିକାର ପୂର୍ବତନ କାଉନସିଲର୍ ତଥା ଝାରପଡ଼ା ଗ୍ରାମର ସମାଜସେବୀ ଶ୍ୟାମସୁନ୍ଦର ଜେନାଙ୍କ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୮୧ ବର୍ଷ ବୟସ ହୋଇଥିଲା। ରବିବାର ରାତିରେ ଶୋଇଥିବା ସମୟରେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ସ୍ଥାନୀୟ ଏକ ହସ୍ପିଟାଲ ନିଆଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ନିକଟରେ ପୁଅ, ବୋହୂ, ନାତି, ନାତୁଣୀଙ୍କ ସମେତ ବନ୍ଧୁପରିଜନ ଉପସ୍ଥିତ ଥିଲେ। ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ, ବିଧାୟକ ଅନନ୍ତ ନାରାୟଣ ଜେନା, କର୍ପୋରେଟର ଅମରେଶ ଜେନାଙ୍କ ସମେତ ବହୁ ବରିଷ୍ଠ ରାଜନେତା ଓ ବ୍ୟକ୍ତିବିଶେଷ ତାଙ୍କ ଶେଷଦର୍ଶନ କରିଥିଲେ। ଝାରପଡ଼ା ଗ୍ରାମ ଶ୍ମଶାନରେ ଶ୍ରୀ ଜେନାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ବଡ଼ପୁଅ ସନ୍ତୋଷ କୁମାର ମୁଖାଗ୍ନି ଦେଇଥିବା ବେଳେ ଅନ୍ୟ ଦୁଇ ପୁଅ ସୁବାଷ କୁମାର ଓ ଜୟପ୍ରକାଶ ଉପସ୍ଥିତ ଥିଲେ। ଭୁବନେଶ୍ୱର ପୌରପାଳିକା କାଉନସିଲର୍ ଥିବାବେଳେ ସେ ଅନେକ ଗୁଡ଼ିଏ ଉନ୍ନତିମୂଳକ କାମ କରିଥିଲେ।



# ସମବାୟ ବ୍ୟାଙ୍କ୍ ପ୍ରତିଷ୍ଠା ଦିବସ ପାଇଁ ପ୍ରସ୍ତୁତି

**ବାଲିଅନ୍ତା, ୨୬ ।୨(ସମିସ):** ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କର ୧୧୨ତମ ପ୍ରତିଷ୍ଠା ଦିବସ ନେଇ ଆଜି ବାଲିଅନ୍ତା ଉତ୍ତରମୁଖୀ ପୀଠ ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କ ପରିଚାଳନା ପରିଷଦ ବରିଷ୍ଠ ସଦସ୍ୟ ତଥା ସତ୍ୟଭାମାପୁର ସଭାପତି ବିପିନ ବିହାରୀ ପାତ୍ର ସଭାପତିତ୍ୱ କରିଥିଲେ। ବୈଠକରେ କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ଅଭିଷେକ ସିଂହ ସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବ୍ୟାଙ୍କ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ବନଶ୍ରୀ ମଲ୍ଲିକ, ବୋର୍ଡ ସଦସ୍ୟ ପ୍ରସନ୍ନ କୁମାର ଜାଲି, ପଦ୍ମିନୀପ୍ରଭା ଷଡ଼ଙ୍ଗୀ, ଭୁବନେଶ୍ୱର ବାଣିଜ୍ୟ ସମବାୟ ସମିତି ଲିଃ ସଭାପତି ଧୀରେନ କୁମାର କର ଓ ଶାଖା ପରିଚାଳିକା ସସ୍ମିତା ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଭିନ୍ନ ସମିତି ସଭାପତି ଯଥାକ୍ରମେ ପୂର୍ଣ୍ଣଚନ୍ଦ୍ର ରାୟ, ବେଣୁଧର ପରିଡ଼ା, ରବୀନ୍ଦ୍ର ଜେନା, ନୀଳକଣ୍ଠ ପଣ୍ଡା, ତାପସ କୁମାର ଜେନା, ନଳିନୀକାନ୍ତ ମହାପାତ୍ର, ସୁବାସ ଚନ୍ଦ୍ର ଦାଶ, ସୋମନାଥ ସ୍ୱାଇଁ ଏବଂ ସୁଧିର ଚନ୍ଦ୍ର ପ୍ରଧାନଙ୍କ ସମେତ ବେଣୁଧର ଭୋଇ ପ୍ରମୁଖ ଯୋଗଦେଇଥିଲେ। କପିଳ ଜେନା ଧନ୍ୟବାଦ ଦେଇଥିଲେ। ସମ୍ପାଦକ ବିଶ୍ୱନାଥ ପଣ୍ଡା, ଦେବେନ୍ଦ୍ର ପୃଷ୍ଟି, ଜଗମୋହନ ଦାଶ, ଭାଗ୍ୟଧର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଭଗବତୀ ସ୍ୱେଚ୍ଛାସେବୀ ଅନୁଷ୍ଠାନର ବାର୍ଷିକୋତ୍ସବ

**ବାଲିପାଟଣା, ୨୬।୨(ସମିସ):** ମକୁନ୍ଦାସପୁର ଗ୍ରାମ ପଞ୍ଚାୟତ ଶେଉଳକୁଣ୍ଡ ଗ୍ରାମର ମା' ଭଗବତୀ ସ୍ୱେଚ୍ଛାସେବୀ ଅନୁଷ୍ଠାନର ଅଷ୍ଟମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ରୋଟାରୀଆନ କୃଷ୍ଣଚନ୍ଦ୍ର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିପିନ ବିହାରୀ ମିଶ୍ର, ମୁଖ୍ୟବକ୍ତା ଆପେକ୍ସ ଆଇଟିଆଇର ଅଧ୍ୟକ୍ଷ ଶ୍ରୀ ସନ୍ନ୍ୟାସୀ ଜୀ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ବୈଜ୍ଞାନିକ ଗନ୍ଧର୍ବ ବେହେରାଙ୍କ ସମେତ ଦୁର୍ଗାଶିଷ, ଦିବ୍ୟ ଦିଗନ୍ତର ମମତା ବିଶ୍ୱାଳ, ପୁଲିସ ସଂଘ ସଭାପତି ମହମ୍ମଦ କୁଦୁସ, ରିତା ଜୁଏଲାରୀର ମାଲିକ ଅଶ୍ୱିନୀ କୁମାର ପାତ୍ର, ଡକ୍ଟର ଶ୍ୟାମ ସୁନ୍ଦର ମହାନ୍ତି, ମେଟ୍ରୋ ରୋଟାରୀ କ୍ଲବ୍ ସଭାପତି ରସାନନ୍ଦ ରାଉତ, ସମାଜସେବୀ ଅଶୋକ ମହାପାତ୍ର, ଉପଦେଷ୍ଟା କୈଳାସ ଚନ୍ଦ୍ର ମିଶ୍ର, ତରଣୀସେନ୍ ସାହୁ, ସଭାପତି ବଂଶୀଧର ଖଟେଇ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଚକ୍ରଧର ଦାସ ସ୍ୱାଗତ ଭାଷଣ ଓ ଶେଷରେ ଶୁଭେନ୍ଦୁ ଦାଶ ଧନ୍ୟବାଦ୍ ଅର୍ପଣ କରିଥିଲେ। ରାମଚନ୍ଦ୍ର ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷକ ଯୋଗେନ୍ଦ୍ର ସେଠୀଙ୍କ ନିର୍ଦ୍ଦେଶିତ ପାଇକ ଆଖଡ଼ା ପରିବେଷଣ କରାଯାଇଥିଲା।

# ଓସେପା ଆଗରେ ବିକ୍ଷୋଭ

**ଭୁବନେଶ୍ୱର, ୨୬ ।୨(ସମିସ):** ଗତବର୍ଷ ୪୨୬୪ଟି ବେସରକାରୀ ବିଦ୍ୟାଳୟ ଆର୍‌ଟିଇରେ ପଞ୍ଜୀକରଣ କରିଥିବାବେଳେ ପ୍ରାୟ ୬୦ହଜାରରୁ ଅଧିକ ସିଟ୍ ଥିଲା। ଫଳରେ ୧୮ହଜାରରୁ ଅଧିକ ଛାତ୍ରଛାତ୍ରୀ ପଞ୍ଜୀକରଣ କରିଥିଲେ। ହେଲେ ଚଳିତ ବର୍ଷ ଏଯାଏଁ ମାତ୍ର ୨୭୩୦ଟି ବେସରକାରୀ ସ୍କୁଲ ପଞ୍ଜୀକରଣ କରିଛନ୍ତି। ଅଧିକ ୧୫୩୪ଟି ବିଦ୍ୟାଳୟ ପଞ୍ଜୀକରଣ କରିନାହାନ୍ତି। ସେଥିପାଇଁ ଉପଲବ୍ଧ ସିଟ୍ ସଂଖ୍ୟା ମଧ୍ୟ ୩୩ ହଜାରକୁ ଖସି ଆସିଛି। ଫଳରେ ବହୁ ଆର୍ଥିକ ଅନଗ୍ରସର ପିଲା ଆର୍‌ଟିଇ ସୁବିଧା ପାଇବାରୁ ବଞ୍ଚିତ ହେବେ। ଏପରି ଅଭିଯୋଗ ଆଣି ଅଭିଭାବକ ମହାସଂଘ ପକ୍ଷରୁ ବିଦ୍ୟାଳୟ ଓ ଗଣଶିକ୍ଷା ସଚିବଙ୍କ ଅଭିଯୋଗ ପ୍ରକୋଷ୍ଠ ତଥା ଓଡ଼ିଶା ରାହ୍ୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ(ଓସେପା) କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି। ଆସନ୍ତା ୭ଦିନ ମଧ୍ୟରେ ସମସ୍ୟାର ସମାଧାନ ହେବା ସହ ଆବେଦନ ଅବଧି ବୃଦ୍ଧି କରାଯିବ ବୋଲି ବିଭାଗୀୟ ଅଧିକାରୀଙ୍କ ପକ୍ଷରୁ ପ୍ରତିଶ୍ରୁତି ଦେଇଥିବା ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିବା କହିଛନ୍ତି ମହାସଂଘର ସଭାପତି ବାସୁଦେବ ଭଟ୍ଟ। କାର୍ଯ୍ୟକାରୀ ସଭାପତି ପ୍ରସନ୍ନ ବିଷୋୟୀ, ଆବାହିକା କଳ୍ପନା ସାହୁ, ଦାଶରଥି ସାମନ୍ତରାୟ ପ୍ରମୁଖ ଅଧିକାରୀଙ୍କ ସହ ଆଲୋଚନା କରିଥିବା ଜଣାପଡ଼ିଛି।

# ଭଗବତୀ ବିଦ୍ୟା ମନ୍ଦିରର ବାର୍ଷିକୋତ୍ସବ

**ଯାଁଳା, ୨୬।୨(ସମିସ):** ଗତକାଲି ଭୁବନେଶ୍ୱର ଉପକଣ୍ଠ ଯାଆଁଳା ପଞ୍ଚାୟତର ମା' ଭଗବତୀ ବିଦ୍ୟାମନ୍ଦିରର ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କୁନି କୁନି ପିଲାମାନଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଉତ୍ସବରେ ମୁଖ୍ୟ ଅତିଥି ଭାବେ ସମାଜସେବିକା ଶ୍ୱେତୋସିନ୍ଧୁ ପ୍ରଧାନ, ମୁଖ୍ୟ ବକ୍ତା ସିଭିରମଣ ଇଞ୍ଜିନିୟରିଂ କଲେଜର ଡିନ୍ ପ୍ରଫେସର ପ୍ରିୟଦର୍ଶୀ କାନୁନ୍‌ଗୋ, ସମ୍ମାନିତ ଅତିଥି ଭାବେ ଶିକ୍ଷୟିତ୍ରୀ ଝୁମୁରୀ ସାହୁ, ଲେଖିକା ପ୍ରତିମା ପାଣିଗ୍ରାହୀ ଯୋଗଦେଇଥିଲେ। ପ୍ରଧାନଶିକ୍ଷକ ଦେଶବନ୍ଧୁ ଚିତ୍ତରଞ୍ଜନ ଦାସ ମଞ୍ଚ ପରିଚାଳନା କରିଥିଲେ।

# ଫାର୍ମାସିଷ୍ଟଙ୍କ ଭରସାରେ ଭିଏସ୍‌ଏସ୍‌ନଗର ଡାକ୍ତରଖାନା




**■ ୩ ମାସ ହେଲା ନାହାଁନ୍ତି ଡାକ୍ତର**
**■ ରୋଗୀଙ୍କ ପାଇଁ ନାହିଁ ଶୌଚାଳୟ**

**ଭୁବନେଶ୍ୱର, ୨୬।୨(ସମିସ):** ହଠାତ୍ ଦେହ ଅସୁସ୍ଥ ହେଲେ ମିଳୁନି ଆବଶ୍ୟକୀୟ ଡାକ୍ତରୀ ସେବା। ଜରୁରୀ ପରିସ୍ଥିତିରେ ରୋଗୀଙ୍କୁ ଯିବାକୁ ପଡୁଛି ଘରୋଇ ଡାକ୍ତରଖାନା। ରୋଗୀଙ୍କ ପାଇଁ ନା ଅଛି ବସିବାକୁ ଚଉକିଟି ନା ରୋଗୀଙ୍କ ପାଇଁ ବେଡ୍। ସବୁଠାରୁ ବିଡ଼ମ୍ବନାର ବିଷୟ ହେଉଛି ୩ମାସ ହେଲା ଡାକ୍ତର ନଥିବାବେଳେ ଫାର୍ମାସିଷ୍ଟଙ୍କ ଭରସାରେ ଚାଲିଛି ଡାକ୍ତରଖାନା। ଏଭଳି ଅବ୍ୟବସ୍ଥା ଦେଖିବାକୁ ମିଳିଛି ଭିଏସ୍‌ଏସ୍‌ନଗର ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ।

ଭୁବନେଶ୍ୱର ମହାନଗର ନିଗମ ୱାର୍ଡ ନମ୍ବର ୧୧ ଅଧୀନରେ ଥିବା ଏହି ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ଭିଏସଏସ୍‌ନଗର, ମଞ୍ଚେଶ୍ୱର, ଭିଏଏସ୍‌ଏସ୍‌ନଗର, ଗାଡ଼କଣ, ଚକେଇସିଆଣି, ପଥରବନ୍ଧ ସମେତ ଆଖପାଖ ବିଭିନ୍ନ ବସ୍ତିବାସିନ୍ଦା ନିର୍ଭର କରନ୍ତି। ୨୦୧୯ରେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତିଷ୍ଠା କରାଯାଇଥିଲା। ବିଶେଷକରି ଭିଏସ୍‌ଏସନଗର ନିକଟରେ ରହିଥିବା ଟିଟିଏସ୍‌ରେ ବିଏମ୍‌ସି ଅଳିଆ ପାହାଡ଼ ଭଳି ଗଦା କରିବା ଫଳରେ ଅଞ୍ଚଳରେ ନିୟମିତ ଲୋକେ ସଂକ୍ରମଣର ଶିକାର ହେଉଛନ୍ତି। କିନ୍ତୁ ଚିକିତ୍ସା ପାଇଁ ସୁବିଧା ମିଳିବା ବଦଳରେ ରୋଗୀ ହତାଶ ହେଉଛନ୍ତି। ସକାଳ ସମୟରେ ଡାକ୍ତରଖାନାରେ ଫାର୍ମାସିଷ୍ଟ ରୋଗୀଙ୍କୁ ଔଷଧ ଦେଉଥିବାବେଳେ ଅପରାହ୍ଣ ସମୟରେ ଅଧିକାଂଶ ସମୟ ସ୍ୱାସ୍ଥ୍ୟକେନ୍ଦ୍ରରେ ତାଲା ଝୁଲୁଛି। ତେଣୁ ଗରିବ ଲୋକମାନେ ସାମାନ୍ୟ ଚିକିତ୍ସା ପାଇଁ ଘରୋଇ ଡାକ୍ତରଖାନା ହେଉ ଅବା ଦୂରରେ ଥିବା ବଡ଼ ଡାକ୍ତରଖାନାକୁ ଯିବାକୁ ବାଧ୍ୟ ହେଉଛନ୍ତି। ୨୦୨୨ ମସିହାରେ ଏଠାରେ ସମାନ ପରିସ୍ଥିତି ଉପୁଜିଥିବାବେଳେ ଡାକ୍ତରଙ୍କ ନିଯୁକ୍ତି ପାଇଁ ଅଞ୍ଚଳର କର୍ପୋରେଟର୍‌ଙ୍କ ଠାରୁ ଆରମ୍ଭ କରି ସ୍ଥାନୀୟ ବାସିନ୍ଦା ବାରମ୍ବାର ଦାବି କରିବା ପରେ ଏଠାରେ ଜଣେ ଡାକ୍ତଙ୍କୁ ନିଯୁକ୍ତି କରାଯାଇଥିଲା। ତେବେ ଗତ ଡିସେମ୍ବର ମାସରୁ ସେ ଆସୁ ନ ଥିବାବେଳେ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ରହିଥିବା ଶୌଚାଳୟ କେବଳ କର୍ମଚାରୀମାନଙ୍କ ବ୍ୟବହାର ନିମନ୍ତେ ରହିଥିବାବେଳେ ରୋଗୀଙ୍କ ନିମନ୍ତେ କୌଣସି ବ୍ୟବସ୍ଥା ନ ଥିବାରୁ ନାନା ସମସ୍ୟା ଉପୁଜୁଛି। ଏ ସମ୍ପର୍କରେ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରର ଫାର୍ମାସିଷ୍ଟଙ୍କ ପ୍ରତିକ୍ରିୟା ମିଳିନଥିବାବେଳେ ସ୍ଥାନୀୟ କର୍ପୋରେଟର ପ୍ରଭାସିନୀ ମହାନ୍ତି କହିଛନ୍ତି ଯେ, ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରସୂତି ଓ ଶିଶୁ ବିଭାଗ ଡାକ୍ତଙ୍କର ନିହାତି ଆବଶ୍ୟକ ରହିଛି। କାରଣ ପ୍ରତିଦିନ ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ମହିଳା ଓ ଶିଶୁ ଚିକିତ୍ସା ପାଇଁ ଏଠାକୁ ଆସୁଛନ୍ତି। ଡାକ୍ତର ନଥିବାରୁ ସର୍ବଦା ଫାର୍ମାସିଷ୍ଟଙ୍କ ଉପରେ ଭରସା କରି ସ୍ୱାସ୍ଥ୍ୟକେନ୍ଦ୍ର ଚାଲି ପାରିବନି। ଏଥିପାଇଁ ମେୟର ଓ ବିଏମ୍‌ସି କମିସନରଙ୍କୁ ଅଭିଯୋଗ କରାଯିବା ପରେ କମିସନର ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିବା ସହ ଖୁବ୍‌ଶୀଘ୍ର ଡାକ୍ତର ନିଯୁକ୍ତି ଏବଂ ଆବଶ୍ୟକ ଉପକରଣ ଯୋଗାଇ ଦିଆଯିବ ବୋଲି କହିଛନ୍ତି।

